# ECHO OF HIS CALL

ECHO OF HIS CALL 1969–2019 GOLDEN JUBILEE

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXIV — YEAR OF OUR LORD JESUS CHRIST, AUGUST 2022 — No.6


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୦୭:୩୧–୪୧)

୩୧ ଆଃ, ଲୋକମାନେ ସଦାପ୍ରଭୁଙ୍କ ମଙ୍ଗଳଦାନ ଓ ମନୁଷ୍ୟ–ସନ୍ତାନଗଣ ପ୍ରତି ତାହାଙ୍କ ଆଶ୍ଚର୍ଯ୍ୟକ୍ରିୟା ସକାଶୁ ତାହାଙ୍କର ପ୍ରଶଂସା କରନ୍ତୁ !

୩୨ ଆହୁରି, ସେମାନେ ଲୋକମାନଙ୍କ ସମାଜରେ ତାହାଙ୍କର ପ୍ରତିଷ୍ଠା କରନ୍ତୁ ଓ ପ୍ରାଚୀନମାନଙ୍କ ସଭାରେ ତାହାଙ୍କର ପ୍ରଶଂସା କରନ୍ତୁ ।

୩୩ ସେ ନଦନଦୀକି ପ୍ରାନ୍ତର ଓ ନିର୍ଝରସକଳକୁ ଶୁଷ୍କ ଭୂମି କରନ୍ତି ।

୩୪ ସେ ଦେଶନିବାସୀମାନଙ୍କ ଦୁଷ୍ଟତା ସକାଶୁ ଉର୍ବରା ଦେଶକୁ ଲବଣ–ପ୍ରାନ୍ତର କରନ୍ତି ।

୩୫ ସେ ପ୍ରାନ୍ତରକୁ ଜଳାଶୟ ଓ ଶୁଷ୍କ ଭୂମିକି ଝରମୟ କରନ୍ତି ।

୩୬ ପୁଣି, କ୍ଷୁଧିତ ଲୋକମାନେ ଯେପରି ବସତି–ନଗର ନିର୍ମାଣ କରିବେ ଓ କ୍ଷେତ୍ରରେ ବୀଜ ବପନ ଓ ଦ୍ରାକ୍ଷାଲତା ରୋପଣ କରିବେ

୩୭ ଓ ତଦୁତ୍ପନ୍ନ ଫଳ ପ୍ରାପ୍ତ ହେବେ, ଏଥିପାଇଁ ସେସ୍ଥାନରେ ସେ ସେମାନଙ୍କୁ ବାସ କରାନ୍ତି ।

୩୮ ଆହୁରି, ସେ ସେମାନଙ୍କୁ ଆଶୀର୍ବାଦ କରନ୍ତି, ତହିଁରେ ସେମାନେ ଅତିଶୟ ବୃଦ୍ଧି ପାଆନ୍ତି; ପୁଣି, ସେ ସେମାନଙ୍କ ପଶୁପଲ ଊଣା ହେବାକୁ ଦିଅନ୍ତି ନାହିଁ ।

୩୯ ପୁନର୍ବାର ସେମାନେ ଉପଦ୍ରବ, ବିପଦ ଓ ଶୋକ ଦ୍ୱାରା ନ୍ୟୂନୀକୃତ ଓ ଅବନତ ହୁଅନ୍ତି ।

୪୦ ସେ ଅଧିପତିମାନଙ୍କ ଉପରେ ତୁଚ୍ଛତା ଢାଳି ଦିଅନ୍ତି, ପୁଣି ସେମାନଙ୍କୁ ପଥହୀନ ମରୁଭୂମିରେ ଭ୍ରମଣ କରାନ୍ତି ।

୪୧ ତଥାପି ସେ ଦୀନହୀନକୁ ଦୁଃଖରୁ ଉଚ୍ଚରେ ସ୍ଥାପନ କରନ୍ତି ଓ ମେଷପଲ ତୁଲ୍ୟ ତାହାକୁ ପରିବାର ଦିଅନ୍ତି ।

## ଈଶ୍ୱରଙ୍କର ପ୍ରକୃତ ସନ୍ତାନ ମାନଙ୍କର ପରିଚୟ !

## THE IDENTITIES OF TRUE CHILDREN OF GOD!

**Pr. S. Sam Selva Raj**

"ଅନନ୍ତର ସେ ତାହାଙ୍କୁ କହିଲେ, ଯେ ତୁମ୍ଭର ଅଧିକାର ନିମନ୍ତେ ଏହି ଦେଶ ଦେବା ପାଇଁ କଲ୍‌ଦୀୟମାନଙ୍କ ଊରଠାରୁ ଆଣିଲେ, ସେହି ସଦାପ୍ରଭୁ ଆମ୍ଭେ ।

ତହୁଁ ସେ କହିଲେ, ହେ ପ୍ରଭୋ, ସଦାପ୍ରଭୁ, ମୁଁ ଯେ ଏ ଦେଶର ଅଧିକାରୀ ହେବି, ତାହା କିରୂପେ ଜାଣିବି ?

ସେ କହିଲେ, ତୁମ୍ଭେ ତିନି ବର୍ଷର ଗୋଟିଏ ଗାଭୀ ଓ ତିନି ବର୍ଷର ଗୋଟିଏ ଛାଗୀ ଓ ତିନି ବର୍ଷର ଗୋଟିଏ ମେଷ ଓ ଗୋଟିଏ ଘୁଘୁ ଓ ଗୋଟିଏ କପୋତ ଛୁଆ ଆମ୍ଭ ନିକଟକୁ ଆଣ ।

ତହିଁରେ ସେ ସେହିସବୁ ତାହାଙ୍କ ନିକଟକୁ ଆଣି ଦୁଇ ଖଣ୍ଡ କରି ଖଣ୍ଡକ ଆଗରେ ଅନ୍ୟଖଣ୍ଡ ରଖିଲେ । ମାତ୍ର ପକ୍ଷୀମାନଙ୍କୁ ଦୁଇ ଖଣ୍ଡ କଲେ ନାହିଁ ।

ଅନନ୍ତର ହିଂସ୍ରକ ପକ୍ଷୀଗଣ ସେହି ମୃତ ଶବମାନଙ୍କ ଉପରେ ଉଡ଼ନ୍ତେ, ଅବ୍ରାମ ସେମାନଙ୍କୁ ଅଡ଼ାଇ ଦେଲେ ।

ପୁଣି ସୂର୍ଯ୍ୟାସ୍ତ ସମୟରେ ଅବ୍ରାମ ଅତି ନିଦ୍ରିତ ହୋଇ ଘୋର ଅନ୍ଧକାରରେ ଭୟଗ୍ରସ୍ତ ହେଲେ ।

ସେତେବେଳେ ସେ ଅବ୍ରାମଙ୍କୁ କହିଲେ, ତୁମ୍ଭର ସନ୍ତାନଗଣ ଚାଳିଶ ବର୍ଷ ଅନ୍ୟ ଦେଶରେ ପ୍ରବାସୀ ହୋଇ ଦାସ୍ୟ କର୍ମ କରି କ୍ଲେଶ ଭୋଗ କରିବେ, ଏହା ନିଶ୍ଚିତ ଜାଣିବ ।

ମାତ୍ର ସେମାନେ ଯେଉଁ ଦେଶୀୟ ଲୋକମାନଙ୍କର ଦାସ୍ୟ କର୍ମ କରିବେ, ଆମ୍ଭେ ସେମାନଙ୍କର ବିଚାର କରିବା । ତହିଁ ଉତ୍ତାରେ ସେମାନେ ବହୁତ ଧନ ଘେନି ସେହି ଦେଶରୁ ବାହାରି ଆସିବେ" (ଆଦିପୁସ୍ତକ ୧୪:୭–୧୪) ।

ଅବ୍ରହାମ ଈଶ୍ୱରଙ୍କଠାରେ ବିଶ୍ୱାସ କରିଥିଲେ ଓ ତାହା ତାଙ୍କ ପକ୍ଷରେ ଧାର୍ମିକତା ସ୍ୱରୂପ ହୋଇଥିଲା (ଗାଲାତୀୟ ୩:୬) । ଈଶ୍ୱର ଅବ୍ରହାମ୍‌ଙ୍କ ନିକଟରେ ଯେଉଁ ପ୍ରତିଜ୍ଞା କରିଥିଲେ, ତାହା ୪୩୦ ବର୍ଷ ପରେ ତାଙ୍କର ବଂଶଧରମାନଙ୍କ ପ୍ରତି ସଫଳ ହୋଇଥିଲା । ଯିଏ ପ୍ରତିଜ୍ଞା କରିଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି ଓ ସେ ନିଶ୍ଚୟ ତାହା ସଫଳ କରିବେ । ସେଥିପାଇଁ, ଆମେ ଯେତେବେଳେ ଈଶ୍ୱରଙ୍କୁ ବିଶ୍ୱାସ କରୁ, ତାହା ଆମ ପାଇଁ ଧାର୍ମିକତା ବୋଲି ଗଣିତ ହୁଏ ।

### ଈଶ୍ୱର ଆମଠାରୁ କ'ଣ ଚାହାଁନ୍ତି

ଈଶ୍ୱର ଆମକୁ ଅଧିକ ଭାବରେ ଆଶୀର୍ବାଦ କରିବାକୁ ଇଚ୍ଛା କରନ୍ତି ଓ ସେଥିପାଇଁ ସେ ଆମର ବିଶ୍ୱାସ ଓ ବାଧ୍ୟତା ଆଶା କରନ୍ତି । ଈଶ୍ୱରଙ୍କ ଆଶା ସମ୍ବନ୍ଧରେ ଆମର ବୋଧଜ୍ଞାନ ଅବର୍ଣ୍ଣନୀୟ ଅଟେ । **"ଆହା ! ଈଶ୍ୱରଙ୍କ ବୁଦ୍ଧି ଓ ଜ୍ଞାନରୂପ ନିଧି କେତେ ଗଭୀର ! ତାହାଙ୍କର ବିଚାର ସବୁ କିପରି ବୋଧର ଅଗମ୍ୟ ଓ ତାହାଙ୍କ ପଥସବୁ କିପରି ଅନନୁସନ୍ଧେୟ । କାରଣ, ପ୍ରଭୁଙ୍କର ମନ କିଏ ଜାଣିଅଛି ? କିମ୍ୱା ତାହାଙ୍କର ମନ୍ତ୍ରୀ କିଏ ହୋଇଅଛି ? ଅବା କିଏ ତାହାଙ୍କୁ ପ୍ରଥମରେ ଦାନ କରିଅଛି ଅବା**

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ECHO OF HIS CALL - (1969-2019 GOLDEN JUBILEE YEAR)



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

CHIEF EDITOR
Angeline Selvakumari Henry, M.A., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
ADMINISTRATION
Bro. N. Prakasam, M.A., General Manager
EDITORIAL BOARD
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Rev. Dr. K.R. Rajasekaran
Dr. A. Richard Samuel, M.A., Ph.D.
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858
E.mail ID
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

"କାରଣ ଏହି ପରମେଶ୍ୱର ଅନନ୍ତକାଳ ଆମ୍ଭମାନଙ୍କର ପରମେଶ୍ୱର ଅଟନ୍ତି, ସେ ମରଣ ପର୍ଯ୍ୟନ୍ତ ଆମ୍ଭମାନଙ୍କର ପଥ ପ୍ରଦର୍ଶକ ହେବେ" (ଗୀତସଂହିତା ୪୮:୧୪) ।

**ପ୍ରିୟ ବନ୍ଧୁଗଣ,**

ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଓ ଜଗତର ତ୍ରାଣକର୍ତ୍ତାଙ୍କ ସୁନ୍ଦର ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ।

ଆମେ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ଉପରେ ଈଶ୍ୱରଙ୍କର ପ୍ରଚୁର ଆଶୀର୍ବାଦ ପାଇଁ ତାଙ୍କୁ ଧନ୍ୟବାଦ ଦେଉଅଛୁ ଓ ପ୍ରଭୁ ଯେପରି ତାଙ୍କ ଗୃହର ପୂର୍ଣ୍ଣତାରେ ଆପଣମାନଙ୍କୁ ପ୍ରଚୁର ଭାବରେ ସନ୍ତୁଷ୍ଟ କରିବେ, ଏଥିପାଇଁ ପ୍ରାର୍ଥନା କରୁଅଛୁ (ଗୀତ ୩୬:୮) ।

ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରଚୁର ଅନୁଗ୍ରହ ଓ ଦୟା ଯୋଗୁ, ଆମେ ଆମ ସେବାକାର୍ଯ୍ୟର ୫୪ତମ ବର୍ଷରେ ପ୍ରବେଶ କରୁଅଛୁ । ଆମେ ପ୍ରଭୁଙ୍କୁ ବିଗତ ବର୍ଷର ସେବାକାର୍ଯ୍ୟ ମଧ୍ୟରେ ଦେଖାଇଥିବା ବିଶ୍ୱସ୍ତତା ଓ ଦୟା ପାଇଁ ପ୍ରଶଂସା ଓ ଧନ୍ୟବାଦ ଦେଉଅଛୁ । ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ, ଆମେ ସମଗ୍ର ପୃଥିବୀରେ ଥିବା ଆମର ସମସ୍ତ ବନ୍ଧୁ ଓ ସାଥୀମାନଙ୍କୁ ସ୍ମରଣ କରୁଅଛୁ, ଯେଉଁମାନେ ଆମର ଉତ୍ତମ ଓ କଷ୍ଟକର ସମୟ ଗୁଡ଼ିକରେ ଆମକୁ ପ୍ରେମ ଦେଖାଇଥିଲେ, ଆମ ପାଇଁ ପ୍ରାର୍ଥନା କରିଥିଲେ, ଆମକୁ ଅର୍ଥ ସହାୟତା ପ୍ରଦାନ କରିଥିଲେ ଓ ଆମ ସହିତ ଠିଆ ହୋଇଥିଲେ । ଆମେ ସୁନିଶ୍ଚିତ ଭାବରେ ଏହା ଜାଣୁ ଯେ ଆମ ପ୍ରତି ଆପଣମାନଙ୍କର ପ୍ରେମ ଓ ଦୟା ବିନା, ଆମେ ସେବାକାର୍ଯ୍ୟର ଏହି ପର୍ଯ୍ୟାୟରେ ପହଞ୍ଚି ପାରି ନ ଥା'ନ୍ତୁ ।

ଆମେ କୃତଜ୍ଞତାର ସହିତ ଆମର ସମସ୍ତ ପୂର୍ବତନ ସହକର୍ମୀମାନଙ୍କୁ ସ୍ମରଣ କରୁଛୁ ଯେଉଁମାନେ ପ୍ରଭୁଙ୍କ ସହିତ ଗୌରବ ମଧ୍ୟରେ ରହିବା ପାଇଁ ଆମଠାରୁ ଚାଲି ଯାଇଛନ୍ତି, ଯଥା – ଭାଇ ଜି. କମଲରତ୍ନମ (ଆଇ.ଏ.ଏସ୍), ଭାଇ ୱାଲର ଡସନ୍, ଭାଇ ଏସ୍.ସି. ବକ୍‌ଲେ, ଭାଇ ଜେ.ଆର୍ ସୌନ୍ଦରରାଜ, ଭାଇ ଜେୟା କୁମାର ମହାରାଜ୍, ଭାଇ ଡି.ଡବ୍ଲ୍ୟୁ ଦେବକଣ୍ଣନ୍, ଭାଇ. ଆର୍.ଇ.ଜେୟାରାଜ୍, ଭାଇ ଜି.ଜେୟାନନ୍ଦ ପଲ୍‌ମନୀ ଓ ଭାଇ ମାନୁୟେଲ ଏମ୍.ପଲ୍‌ରାଜ । ସେମାନେ ଆମ ସେବାକାର୍ଯ୍ୟକୁ ବହୁଳ ସହାୟତା ପ୍ରଦାନ କରିଥିଲେ ।

ଆମେ ସମଗ୍ର ଭାରତରେ ଓ ପଡ଼ୋଶୀ ଦେଶଗୁଡ଼ିକରେ ଅଧିକ ମଣ୍ଡଳୀ ସ୍ଥାପନ କରିବା ଦ୍ୱାରା ଆମର ସେବାକାର୍ଯ୍ୟକୁ ସଂପ୍ରସାରିତ କରିବାକୁ ଯୋଜନା କରୁଅଛୁ । ୫୪ ତମ ବର୍ଷରେ ଆମ ଦର୍ଶନର ସଫଳତା ପାଇଁ ପ୍ରାର୍ଥନା କରିବା ନିମନ୍ତେ ଆମେ ଅନୁରୋଧ କରୁଅଛୁ ।

କୋଭିଡ଼-୧୯ର ତାଲାବନ୍ଦ ଯୋଗୁ ଆମେ ଗତ କିଛି ବର୍ଷ ମଧ୍ୟରେ ଯଥେଷ୍ଟ ଅଗ୍ରଗତି କରିପାରି ନ ଥିଲୁ । ବର୍ତ୍ତମାନ ପବିତ୍ର ଆତ୍ମାଙ୍କ ବୃଷ୍ଟି ଦ୍ୱାରା ଦୃଢ଼ ଗଡ଼ ଭୂମିସାତ୍ କରିବା ପାଇଁ ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା କରିବା ନିମନ୍ତେ ଉପଯୁକ୍ତ ସମୟ ଅଟେ ।

ଆମେ ନେପାଳ, ବାଙ୍ଗ୍‌ଲାଦେଶ, ପାକିସ୍ଥାନ, ଶ୍ରୀଲଙ୍କା ଇତ୍ୟାଦି ଦେଶଗୁଡ଼ିକର ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଉତ୍ତମ ସୁଯୋଗ ପାଇବା ନିମନ୍ତେ ଆପଣମାନଙ୍କ ପ୍ରାର୍ଥନା ଆବଶ୍ୟକ କରୁଅଛୁ । ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ, ଆମର ଈଶ୍ୱର ସିଂହାସନରେ ଉପବିଷ୍ଟ ଓ ସମସ୍ତ ବିଷୟକୁ ନିୟନ୍ତ୍ରଣ କରୁଛନ୍ତି ବୋଲି ଆମର ଦୃଢ଼ ବିଶ୍ୱାସ ।

ଆପଣମାନେ ଯେପରି ସମସ୍ତ ବିଷୟରେ ଉନ୍ନତି କରିବେ ଓ ସୁସ୍ଥ ରହିବେ, ଏଥିପାଇଁ ଆମେ ନିରନ୍ତର ପ୍ରାର୍ଥନା କରୁଅଛୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍
(+91) 98412 71858 / 98410 71858, E.mail : samselvaraj333@gmail.com

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

**ତାଙ୍କୁ ପ୍ରତିଦାନ କରାଯିବ ? ଯେଣୁ ସମସ୍ତ ବିଷୟ ତାହାଙ୍କଠାରୁ, ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ, ଯୁଗେ ଯୁଗେ ଗୌରବ ତାହାଙ୍କର ଆମେନ"** (ରୋମୀୟ ୧୧:୩୩-୩୬) ।

ଭାବବାଦୀ ଏଲୀୟ ଖଣ୍ଡେ ଛୋଟ ପିଠା ଆଶା କରିଥିଲେ, ମାତ୍ର ସାରୀଫତ୍‌ର ବିଧବା ଦୁର୍ଭିକ୍ଷର ଶେଷ ପର୍ଯ୍ୟନ୍ତ ସାଢ଼େ ତିନି ବର୍ଷ ଧରି ଖାଦ୍ୟ ପାଇଥିଲେ (୧ ରାଜାବଳି ୧୭:୧୬-୧୮ ଦେଖନ୍ତୁ) । ଆମର ଆୟ ଅଳ୍ପ ହେଲେ ସୁଦ୍ଧା, ଈଶ୍ୱର ଆମକୁ ଆଶୀର୍ବାଦ କରିବା ପାଇଁ ଆମଠାରୁ ଗୋଟିଏ ଅଂଶମାତ୍ର ଆଶା କରନ୍ତି । ଈଶ୍ୱର ସେମାନଙ୍କର ସନ୍ତାନମାନଙ୍କୁ ଆଶୀର୍ବାଦ କରିବା ପାଇଁ, ସେମାନେ ସେମାନଙ୍କ ନିଜସ୍ୱ ମଣ୍ଡଳୀକୁ ଅନ୍ୟୂନ ଏକ-ଦଶମାଂଶ ଆଣନ୍ତୁ ବୋଲି ସେ ଆଶା କରନ୍ତି । **"ଆମ୍ଭର ଗୃହରେ ଯେପରି ଖାଦ୍ୟ ରହିବ, ଏଥିପାଇଁ ତୁମ୍ଭେମାନେ ଆମ୍ଭର ଭଣ୍ଡାରକୁ ସଂପୂର୍ଣ୍ଣ ଦଶମାଂଶ ଆଣ, ଆଉ ଆମ୍ଭେ ଆକାଶସ୍ଥ ଦ୍ୱାର ସବୁ ମୁକ୍ତ କରି, ରଖିବା ପାଇଁ ସ୍ଥାନ ନିଅଣ୍ଟ ହେବା ପର୍ଯ୍ୟନ୍ତ ତୁମ୍ଭମାନଙ୍କ ଉପରେ ଆଶୀର୍ବାଦରୂପ ବୃଷ୍ଟି ବର୍ଷାଇବା କି ନାହିଁ, ଏତଦ୍ ବିଷୟରେ ଏବେ ଆମ୍ଭର ପରୀକ୍ଷା ନିଅ"** (ମଲାଖି ୩:୧୦) ।

ପ୍ରତ୍ୟେକ ଦିଗରୁ ଅତ୍ୟାଚାରିତ ହୋଇ, ଆପଣଙ୍କ ଜୀବନ ହୁଏତ ଏକ ଯୁଦ୍ଧ କ୍ଷେତ୍ର ଭଳି ମନେ ହେଉଥିବ, ହୁଏତ ଆପଣ ଏକ ଉଦ୍ଧାରର ଅପେକ୍ଷା କରୁଥିବେ । ସାହସ ଧରନ୍ତୁ, ଈଶ୍ୱର ଆପଣଙ୍କ ପକ୍ଷରେ ଅଛନ୍ତି, ଯଦି ଆପଣ ଆପଣଙ୍କ ପରିଚୟକୁ ନେଇ ଦ୍ୱନ୍ଦ୍ୱଗ୍ରସ୍ତ ରହିଥିବେ, ତେବେ ଈଶ୍ୱର କାର୍ଯ୍ୟ କରିବେ ନାହିଁ । ଆମେ କ'ଣ କରିବା ଉଚିତ୍ ?

## ୧. ଆମକୁ ଆମର ସ୍ଥିତି ବଜାୟ ରଖିବାକୁ ହେବ

ଈଶ୍ୱରଙ୍କ ସନ୍ତାନସନ୍ତତି ଭାବରେ, ଯଦିଓ ଆମେ ଏହି ଜଗତରେ ଅଛୁ, ତଥାପି ଆମେ ଏହି ଜଗତର ନୋହୁଁ । ଆମର ନାଗରିକତ୍ୱ ସ୍ୱର୍ଗରେ ଅଛି (ଫିଲିପ୍ପୀୟ ୩:୨୦) । ଈଶ୍ୱର ଆମକୁ ଖ୍ରୀଷ୍ଟଙ୍କ ସହିତ ଏକତ୍ର ଉଠାଇଥିଲେ ଓ ତାଙ୍କ ସହିତ ସ୍ୱର୍ଗୀୟ ସ୍ଥାନରେ ଉପବିଷ୍ଟ କରାଇଥିଲେ (ଏଫିସୀୟ ୨:୬) । ବେଳେ ବେଳେ ଆମେ ଯୀଶୁଙ୍କଠାରେ ଥିବା ଆମର ଉଚ୍ଚ ସ୍ଥିତିକୁ ଭୁଲି ଯାଉ ଓ ନୀଚ ଭାବରେ କାର୍ଯ୍ୟ କରୁ ।

ଉଦାହରଣ ସ୍ୱରୂପ : ଜଣେ ଶାସକଙ୍କର କାର୍ଯ୍ୟାଳୟ ମୁଖ୍ୟ ସ୍ଥାନରେ ସ୍ଥାପିତ ହୋଇଥା ଓ ସେହିଠାରୁ ହିଁ ସେ କାର୍ଯ୍ୟ କରନ୍ତି । ସେ ବିଭିନ୍ନ ଦେଶକୁ ଯାତ୍ରା କରୁଥିବାରୁ, ହୁଏତ ସର୍ବଦା ସେଠାରେ ରହି ନ ପାରନ୍ତି, ମାତ୍ର ତାଙ୍କର ନାଗରିକତ୍ୱ ଓ କାର୍ଯ୍ୟାଳୟ ପରିବର୍ତ୍ତିତ ହୁଏ ନାହିଁ । ସେ ଯାହା ଅଟନ୍ତି, ତାହା ହିଁ ରହନ୍ତି ଓ ତାଙ୍କ ନିଜ ଦେଶର ଅଟନ୍ତି । ସେହିପରି ଭାବରେ, ଈଶ୍ୱରଙ୍କ ସନ୍ତାନମାନେ ଜଗତର କୌଣସି ଦେଶର ନାଗରିକ ହୋଇପାରନ୍ତି, ମାତ୍ର ସେମାନେ ପ୍ରକୃତରେ ସ୍ୱର୍ଗର ପ୍ରଜା ଅଟନ୍ତି । ସେମାନେ ଏହି ଜଗତର ନୁହଁନ୍ତି । ଆମେ ଏହି ଜଗତରେ ଅପରିଚିତ ଓ ଯାତ୍ରୀ ଅଟୁ ଓ ଏଠାରେ କିଛି ଦିନ ପାଇଁ ବାସ କରିବାକୁ ଅନୁମତି ପାଇଅଛୁ । ଆମର ଦିନଗୁଡ଼ିକ ଏହି ଜଗତରେ ଏକ ଛାୟା ସଦୃଶ ଅଟେ (୧ ବଂଶାବଳି ୨୯:୧୫) । ଗୀତରଚକ କହିଛନ୍ତି, ଏହି ଜଗତରେ ସେ ଜଣେ ପ୍ରବାସୀ ଅଟନ୍ତି (ଗୀତସଂହିତା ୧୧୯:୧୯) । ସେ ଲେଖିଛନ୍ତି : **"ମୋ' ପ୍ରବାସ ଗୃହରେ ତୁମ୍ଭର ବିଧି ସବୁ ମୋହର ଗାୟନ ହୋଇଅଛି"** (ଗୀତସଂହିତା ୧୧୯:୫୪) । ପ୍ରେରିତ ପିତର କହିଛନ୍ତି, ଆମ୍ଭେମାନେ ମନୋନୀତ ଲୋକ ଅଟୁ (୧ ପିତର ୧:୧,୨) ।

ଆମ ମନ ମଧ୍ୟରେ ଉପରୋକ୍ତ ସତ୍ୟକୁ ଉପଯୁକ୍ତ ଭାବରେ ଖୋଦନ କରି ଏହି ଜଗତରେ ଜୀବନ କାଟିବା ପାଇଁ ଆମକୁ ଆହ୍ୱାନ କରାଯାଇଛି । ଆହୁରି ମଧ୍ୟ, ଆମକୁ ଆମର ଧନ ସ୍ୱର୍ଗରେ ସଞ୍ଚୟ କରିବାକୁ କୁହାଯାଇଛି (ମାଥିଉ ୬:୧୯,୨୦) । ଆମେ ଏହି ଜଗତର ଯେ କୌଣସି ଦେଶରେ ବାସ କରିପାରୁ, ଯେ କୌଣସି ଭାଷା କହିପାରୁ, ମାତ୍ର ଆମେ ଯେ ଈଶ୍ୱରଙ୍କ ରାଜ୍ୟର ଲୋକ ଅଟୁ, ଏହା ସର୍ବଦା ଆମକୁ ସ୍ମରଣରେ ରଖିବାକୁ ହେବ । କିନ୍ତୁ, ଆମକୁ ଆମ ନିଜ ଦେଶର ସଂସ୍କୃତି ଓ ଚାଲିଚଳଣ ଗ୍ରହଣ କରିବାକୁ ହେବ । ପ୍ରତ୍ୟେକ ବିଷୟ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ଓ ଏକ ଆରେକ ପ୍ରତି ସମର୍ପିତ ହୋଇ ଜୀବନ କାଟନ୍ତୁ । ବାଇବଲ ଏହାକୁ ଏହିପରି ଭାବେ ବୁଝାଇଛି : **"ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ । ଆଉ ଖ୍ରୀଷ୍ଟଙ୍କୁ ଭୟ କରି ପରସ୍ପର ବଶୀଭୂତ ହୁଅ । ହେ ସ୍ତ୍ରୀମାନେ, ତୁମ୍ଭେମାନେ ଯେପରି ପ୍ରଭୁଙ୍କର ବଶୀଭୂତା, ସେହିପରି ଆପଣା ଆପଣା ସ୍ୱାମୀର ବଶୀଭୂତା ହୁଅ"** (ଏଫିସୀୟ ୫:୨୦-୨୨) । "ହେ ସ୍ୱାମୀମାନେ ... ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର" (ଏଫିସୀୟ ୫:୨୫,୨୮) ।

ଆମ ଜୀବନର ସମସ୍ତ କ୍ଷେତ୍ରରେ, ପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର ହେବା ପାଇଁ ଲେଖାଯାଇଛି (୧ ପିତର ୧:୧୫) । **"ସେ ଦିନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର, ଏହି କଥା ଅଶ୍ୱଗଣର ଘଣ୍ଟିରେ ଲେଖାଯିବ..."** (ଯିଖରିୟ ୧୪:୨୦) । "ଇସ୍ରାଏଲ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର, ତାହାଙ୍କ ଆୟର ପ୍ରଥମ ଫଳ ସ୍ୱରୂପ ଥିଲା ..." (ଯିରିମିୟ ୨:୩) । **"ସେମାନେ ସ୍ତ୍ରୀ ସଂସର୍ଗରେ ଆପଣା ଆପଣାକୁ କଳୁଷିତ କରି ନ ଥିଲେ, କାରଣ ସେମାନେ ଶୁଚି । ମେଷଶାବକ ଯେ କୌଣସି ସ୍ଥାନକୁ ଗମନ କରନ୍ତି, ସେ ସ୍ଥାନକୁ ସେମାନେ ତାହାଙ୍କର ଅନୁଗାମୀ ହୁଅନ୍ତି । ସେମାନେ ଈଶ୍ୱର ଓ ମେଷଶାବକଙ୍କ ଉଦ୍ଦେଶ୍ୟରେ ପ୍ରଥମଜାତ ଫଳସ୍ୱରୂପେ ମନୁଷ୍ୟମାନଙ୍କ ମଧ୍ୟରୁ କ୍ରୀତ ହୋଇଅଛନ୍ତି"** (ପ୍ରକାଶିତ ୧୪:୪) ।

ଆମର ସ୍ୱର୍ଗୀୟ ନାଗରିକତା ଆମର ସମସ୍ତ ସ୍ୱଭାବ ପ୍ରତିଫଳିତ ହେବା ଉଚିତ୍ । ଆମକୁ ସତର୍କତାର ସହିତ ଏହାକୁ ଧରି ରଖିବାକୁ ହେବ । ବେଳେବେଳେ ଆମେ ପଚାରିପାରୁ, "ମୁଁ କାହିଁକି ଅନ୍ୟମାନଙ୍କ ଭଳି ଭୁଲ୍ କରିବା ଉଚିତ୍ ନୁହେଁ ? ଯଦି ମୁଁ ଅନ୍ୟମାନଙ୍କ ଭଳି କାର୍ଯ୍ୟ କରିବି ନାହିଁ, ତେବେ ଏହି ଜଗତରେ କିପରି ବଞ୍ଚିବି ? ଏହି ପ୍ରକାର ପରିସ୍ଥିତିରେ, ଆମକୁ ଏହି ସଂକଳ୍ପ କରିବାକୁ ହେବ ଯେ, ଯଦିଓ ଅନ୍ୟମାନେ କରନ୍ତି, ତଥାପି ମୁଁ କରିବା ଉଚିତ୍ ନୁହେଁ । ମୋର ପାଳକ ରେଭ. ସୁନ୍ଦରମ୍ କହୁଥିଲେ, "ଅନ୍ୟମାନେ କରିପାରନ୍ତି, ମାତ୍ର ମୁଁ କରିବା ଉଚିତ୍ ନୁହେଁ ଓ କରିବି ନାହିଁ ।"

ସେଥିପାଇଁ, ସମସ୍ତ ପରିସ୍ଥିତିରେ, ଆମେ ଏକ ଅସାଧାରଣ ଓ ପୃଥକୀକୃତ ଜୀବନ କାଟିବା ଉଚିତ୍ । କେତେକ ଖ୍ରୀଷ୍ଟିଆନ କହନ୍ତି ଯେ ସେମାନଙ୍କ ଆତ୍ମିକ ଜୀବନ ଓ ସାଧାରଣ ଚାକିରୀ କିମ୍ବା ବୃତ୍ତି ମଧ୍ୟରେ କୌଣସି ସଂପର୍କ ନାହିଁ । ସେମାନେ ମଣ୍ଡଳୀରେ ଯେଉଁ ଖୁସି, ପ୍ରେମ ଓ ସତ୍ୟ ପାଇ ପାରନ୍ତି, ତାହା ସେମାନଙ୍କ କାର୍ଯ୍ୟସ୍ଥଳରେ କିମ୍ବା ବୃତ୍ତିରେ ମିଳିପାରେ ନାହିଁ । କେତେ ଜଣ କାର୍ଯ୍ୟ କରିବା ସହିତ ପ୍ରଭୁଙ୍କ ପାଇଁ ମଧ୍ୟ କାର୍ଯ୍ୟ କରନ୍ତି । ସେମାନେ ବ୍ୟବସାୟରେ ପ୍ରାୟ ସତ୍ୟ ଅବଲମ୍ବନ କରନ୍ତି ନାହିଁ । ଯେଉଁମାନେ କାର୍ଯ୍ୟ କରନ୍ତି, ସେମାନେ ଅଧିକାଂଶ ଲୋକଙ୍କ ପରି ଅବିଶ୍ୱସ୍ତ ଅଟନ୍ତି । ସେମାନେ ଅନ୍ୟମାନଙ୍କୁ ଠକନ୍ତି, ସେମାନଙ୍କର ବ୍ୟବସାୟିକ କୌଶଳକୁ ପ୍ରଭୁଙ୍କ ସେବା କାର୍ଯ୍ୟରେ, ଏପରିକି ସେମାନଙ୍କୁ ଆତ୍ମିକ ଆହାର ଦେଉଥିବା ପାଳକଙ୍କ ପ୍ରତି ମଧ୍ୟ ବ୍ୟବହାର କରନ୍ତି । ସେମାନଙ୍କୁ ପରାମର୍ଶ ଦିଆଯିବା ସମୟରେ, ସେମାନେ କହନ୍ତି, "ସେବାକାର୍ଯ୍ୟ ଓ ବ୍ୟବସାୟ ଭିନ୍ନ ଭିନ୍ନ ଅଟେ ।" ଏହି ଚିନ୍ତାଧାରା ସଂପୂର୍ଣ୍ଣ ଭାବରେ ଭୁଲ୍ ଅଟେ । ଈଶ୍ୱରଙ୍କ ସନ୍ତାନମାନେ ସେମାନଙ୍କ ଜୀବନର ସମସ୍ତ କ୍ଷେତ୍ରରେ ପବିତ୍ର ରହିବା ଉଚିତ କାରଣ ଏହା ଈଶ୍ୱରଙ୍କ ଜଣେ ପ୍ରକୃତ ଦାସଙ୍କ କ୍ଷେତ୍ରରେ ସତ୍ୟ ଅଟେ । **"ଯେପରି ଆମ୍ଭମାନଙ୍କର ସେବକପଦ ନିନ୍ଦିତ ନ ହୁଏ, ସେଥିପାଇଁ ଆମ୍ଭେମାନେ କୌଣସି ବିଷୟରେ ବାଧା ନ ଦେଉ"** (୨ କରିନ୍ଥୀୟ ୬:୩) ।

### ଗୋଟିଏ ଅନୁଭୂତି :

ଦିନେ ମୁଁ ଜଣେ ଅତି ପରିଚିତ ଈଶ୍ୱରଙ୍କ ଦାସଙ୍କ ନିକଟକୁ ଯାଇଥିଲି । ସେ ପ୍ରଭୁଙ୍କ କାର୍ଯ୍ୟ କରିବା ସହିତ ବାଦ୍ୟଯନ୍ତ୍ର ଗୁଡ଼ିକର କ୍ରୟ ଓ ବିକ୍ରୟ କାର୍ଯ୍ୟ ମଧ୍ୟ କରୁଥିଲେ । ଗୋଟିଏ ନିର୍ଦ୍ଦିଷ୍ଟ ବାଦ୍ୟଯନ୍ତ୍ର ଦେଖାଇ, ସେ ମୋତେ କହିଥିଲେ ଯେ ତାହା ପୃଥିବୀର ସର୍ବୋତ୍କୃଷ୍ଟ କଂପାନୀ ଦ୍ୱାରା ନିର୍ମିତ ହୋଇଛି । ମୁଁ ଉପଯୁକ୍ତ ମୂଲ୍ୟ ଦେଇ ତାହା କ୍ରୟ କରିଥିଲି । ଦୁର୍ଭାଗ୍ୟବଶତଃ, ଗୋଟିଏ ସପ୍ତାହ ଭିତରେ ସେବାକାର୍ଯ୍ୟ ପାଇଁ ମୋତେ ଅର୍ଥର ଅତି ଆବଶ୍ୟକ ହେଲା, ସେଥିପାଇଁ

ମୁଁ ସେହି ନୂତନ ବାଦ୍ୟଯନ୍ତ୍ରକୁ ନେଇ ତାଙ୍କ ନିକଟକୁ ଗଲି ଓ ମୋର ପରିସ୍ଥିତି ବିଷୟରେ ଓ ଏହାକୁ ବିକ୍ରୟ କରିବା ବିଷୟରେ ତାଙ୍କୁ କହିଲି, ସଙ୍ଗେ ସଙ୍ଗେ ସେ ମୋତେ କହିଲେ, ‘‘ଏହାକୁ କିଏ କିଣିବ ? ବର୍ତ୍ତମାନ ବଜାରରେ ଏହାର ଚାହିଦା ନାହିଁ । ସେମାନେ ବହୁ ବର୍ଷ ପୂର୍ବେ ସେମାନଙ୍କର କଂପାନୀକୁ ବନ୍ଦ କରି ଦେଇଛନ୍ତି । ଏହା ଗୋଟିଏ ଖରାପ ବାଦ୍ୟଯନ୍ତ୍ର । ଏହା ଆଉ ବିକ୍ରୟ ଯୋଗ୍ୟ ନୁହେଁ ।’’ ପୁଣି ସେ ଏହାକୁ ଫେରାଇ ନେବା ପାଇଁ ମୋତେ କହିଥିଲେ । ଈଶ୍ୱରଙ୍କ ପ୍ରିୟ ସନ୍ତାନ, ଆମେ ସେହି ଭଳି ହେବା ଉଚିତ୍ ନୁହେଁ । ଆମେ ଈଶ୍ୱରଙ୍କ ସନ୍ତାନର ସ୍ଥିତିରୁ ସ୍ଖଳିତ ହେବା ଉଚିତ୍ ନୁହେଁ । ଯେଉଁ ଖ୍ରୀଷ୍ଟିୟାନମାନେ ବିଭିନ୍ନ ବୃତ୍ତିରେ ଅଛନ୍ତି, ସେମାନେ ଅତି ସତର୍କ ରହିବା ଓ ସବୁ ସମୟରେ, ସମସ୍ତ ବିଷୟରେ ସେମାନଙ୍କର ସ୍ଥିତିକୁ ବଜାୟ ରଖିବା ଉଚିତ୍ ।

ବିଶ୍ୱାସୀମାନେ ଜାଗତିକ ଲୋକମାନଙ୍କ ସହିତ ମିଶି ମଦ୍ୟପାନରେ, ନୃତ୍ୟରେ, ନିଶାଦ୍ରବ୍ୟ ବିକ୍ରୟରେ, ବ୍ୟବସାୟିକ ଭୁଲ ପନ୍ଥା ଗ୍ରହଣରେ ଆସକ୍ତ ରହିବା ଉଚିତ୍ ନୁହେଁ ।

## ଅନ୍ୟ ଗୋଟିଏ ଅନୁଭୂତି :

ଥରେ ମୁଁ ମୋର ଜଣେ ବନ୍ଧୁଙ୍କୁ ଜଣେ ପ୍ରସିଦ୍ଧ ଡାକ୍ତରଙ୍କ ନିକଟକୁ ନେଇଥିଲି । ଆମେ ଉଭୟେ ତାଙ୍କର କୋଠରୀ ମଧ୍ୟରେ ପ୍ରବେଶ କଲୁ । ବହୁସଂଖ୍ୟକ ଡାକ୍ତରୀ ଉପକରଣ ସେହି ପ୍ରକୋଷ୍ଠ ଭିତରେ ଥିଲା । ମାତ୍ର ପ୍ରକୋଷ୍ଠରେ ଥିବା ଚୌକୀ ଶୂନ୍ୟ ଥିଲା । ଆମେ ଭିତରେ ପ୍ରବେଶ କରି କେତେକ ଲୋକଙ୍କୁ ସେଠାରେ ବସି କଥାବାର୍ତ୍ତା କରୁଥିବାର ଓ ହସାହସି ହେଉଥିବାର ଦେଖିଲୁ । ଆମେ ଜଣେ ବ୍ୟକ୍ତିଙ୍କ ନିକଟକୁ ଗଲୁ ଓ ତାଙ୍କ ନିକଟରେ ମୋର ବନ୍ଧୁଙ୍କ ସମସ୍ୟା ଜଣାଇଲୁ କାରଣ ସେ ଡାକ୍ତର ବୋଲି ଆମେ ଭାବିଥିଲୁ । ଅତିଶୀଘ୍ର ସେ ଅନ୍ୟ ଜଣେ ବ୍ୟକ୍ତିଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି, ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ କହିଲେ । ଆମେ ଜଣେ ଭୁଲ୍ ବ୍ୟକ୍ତିଙ୍କୁ ସମ୍ମାନ ଦେଖାଇଥିଲୁ । ପ୍ରଭୁ ଆମକୁ ଯେଉଁ ସ୍ଥିତି ଦେଇଛନ୍ତି, ତାକୁ ସମ୍ମାନର ସହିତ ଧରି ରଖିବା ଉଚିତ୍ । ଆମେ ଏହାକୁ ତୁଚ୍ଛୀକୃତ କରିବା ଉଚିତ୍ ନୁହେଁ । ଅତଏବ, ହେ ଭାଇମାନେ, ତୁମ୍ଭେମାନେ ଆପଣା ଆପଣା ଆହ୍ୱାନ ଓ ମନୋନୟନକୁ ସ୍ଥିର କରିବା ନିମନ୍ତେ ଅଧିକ ଯତ୍ନଶୀଳ ହୁଅ, ଯେଣୁ ଏପରି କଲେ ତୁମ୍ଭେମାନେ କେବେ ହେଁ ଝୁଣ୍ଟି ପଡ଼ିବ ନାହିଁ, ଆଉ ଏହି ଆମ୍ଭମାନଙ୍କ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଅନନ୍ତ ରାଜ୍ୟରେ ସ୍ୱଚ୍ଛନ୍ଦରେ ପ୍ରବେଶ କରିବାକୁ ତୁମ୍ଭମାନଙ୍କୁ ଦିଆଯିବ’’ (୨ ପିତର ୧:୧୦,୧୧) ।

ଈଶ୍ୱରଙ୍କ ସନ୍ତାନମାନଙ୍କ ନିକଟରେ ସବୁ ସମୟରେ ସେମାନଙ୍କ ସ୍ଥିତିର ସମ୍ମାନ ରହିବା ଉଚିତ ଯାହା ପ୍ରଭୁ ଆମକୁ ଦେଇଛନ୍ତି । ବିଶ୍ୱାସୀମାନଙ୍କୁ ସେମାନଙ୍କ ଦାୟିତ୍ୱ ପୂରଣ କରିବା ବିଷୟରେ ଅତି ସତର୍କ ହେବା ଉଚିତ୍ । ଈଶ୍ୱରଙ୍କ ସନ୍ତାନମାନେ ଏହି ଜଗତରେ ଉଚ୍ଚୀକୃତ ବ୍ୟକ୍ତି ଅଟନ୍ତି । ଯଦିଓ ସେମାନେ ଏହି ଜଗତରେ ବାସ କରନ୍ତି, ତଥାପି ଈଶ୍ୱରଙ୍କ ରାଜ୍ୟ ସେମାନଙ୍କର ଅଭିଳଷିତ ଲକ୍ଷ୍ୟସ୍ଥଳ ଅଟେ ।

## ୨. ପରିତ୍ରାଣରୂପକ ବସ୍ତ୍ର

**‘‘ମୁଁ ସଦାପ୍ରଭୁଙ୍କଠାରେ ଅତିଶୟ ଆନନ୍ଦ କରିବି, ମୋର ପ୍ରାଣ ମୋ’ ପରମେଶ୍ୱରଙ୍କଠାରେ ଉଲ୍ଲସିତ ହେବ, କାରଣ ବର ଯେପରି ଭୂଷଣରେ ଆପଣାକୁ ଭୂଷିତ କରେ ଓ କନ୍ୟା ଯେପରି ଆପଣା ରତ୍ନରେ ଆପଣାକୁ ଭୂଷିତା କରେ, ସେପରି ସେ ପରିତ୍ରାଣରୂପ ବସ୍ତ୍ରରେ ମୋତେ ବସ୍ତ୍ରାନ୍ୱିତ କରିଅଛନ୍ତି ଓ ଧର୍ମରୂପ ରାଜବସ୍ତ୍ରରେ ମୋତେ ଆହ୍ଲାଦିତ କରିଅଛନ୍ତି’’** (ଯିଶାଇୟ ୬୧:୧୦) ।

ବସ୍ତ୍ର ଗୋଟିଏ ମନୁଷ୍ୟକୁ ନିର୍ମାଣ କରେ । ଗୋଟିଏ ଡାକ୍ତରଖାନାରେ, ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ ଅନୁସାରେ ଭିନ୍ନ ଭିନ୍ନ ପ୍ରକାରର ବସ୍ତ୍ର ଦିଆଯାଏ । ସେମାନଙ୍କ ପୋଷାକ ସେମାନଙ୍କ କାର୍ଯ୍ୟ ସମ୍ବନ୍ଧରେ କହେ ।

ସମାନ ଭାବରେ, ଯେଉଁ ଲୋକମାନେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ନିଜ ନିଜକୁ ଧୌତ କରିଛନ୍ତି, ସେମାନଙ୍କୁ ପରିତ୍ରାଣ ରୂପକ ଏକ ବସ୍ତ୍ର ଦିଆଯାଇଛି । **‘‘... ତୁମ୍ଭେମାନେ ତୁମ୍ଭମାନଙ୍କ ପୁରାତନ ଆଚରଣ ସମ୍ବନ୍ଧରେ, ଯେଉଁ ପୁରାତନ ସ୍ୱଭାବ ପ୍ରବଞ୍ଚନାର ବିଳାସିତା ଅନୁସାରେ ଅଧିକରୁ ଅଧିକ ଭ୍ରଷ୍ଟ ହେଉଅଛି, ତାହାକୁ ପରିତ୍ୟାଗ କରିବାକୁ, ପୁଣି ତୁମ୍ଭମାନଙ୍କ ମନରେ ନୂତନୀକୃତ ହୋଇ ଯେଉଁ ନୂତନ ସ୍ୱଭାବ ... ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ’’** (ଏଫିସୀୟ ୪:୨୨-୨୪) ।

କେତେକ ଲୋକ ଆମ ପ୍ରତି ଅଜ୍ଞାତ ହୋଇପାରନ୍ତି, ମାତ୍ର ଯଦି ସେମାନେ ପରିତ୍ରାଣ ପ୍ରାପ୍ତ ଅଟନ୍ତି, ତେବେ ଆମେ ସେମାନଙ୍କଠାରେ ସ୍ୱର୍ଗୀୟ ସ୍ୱଭାବ ଓ ପରିତ୍ରାଣର ଆନନ୍ଦ ଦେଖିପାରିବା । କେବଳ ମଣ୍ଡଳୀରେ ନୁହେଁ, ମାତ୍ର ବଜାରରେ ଓ ଅନ୍ୟ ସ୍ଥାନଗୁଡ଼ିକରେ ଯଦି ଅନ୍ୟମାନେ ଆମକୁ ଈଶ୍ୱରଙ୍କ ସନ୍ତାନଭାବରେ ଚିହ୍ନି ପାରନ୍ତି, ତେବେ ପ୍ରଭୁଙ୍କ ଆଶୀର୍ବାଦ ଆମ ସହିତ ଅଛି ।

ଏହି ଦିନଗୁଡ଼ିକରେ, ଆତ୍ମିକମନା ଲୋକମାନେ ସୁଦ୍ଧା ଅନ୍ୟମାନଙ୍କ ମଧ୍ୟରେ ପ୍ରଭୁ, ଈଶ୍ୱର, ପରିତ୍ରାଣ, ପ୍ରାର୍ଥନା, ଇତ୍ୟାଦି ବ୍ୟବହାର କରିବାକୁ କୁଣ୍ଠିତ ହୁଅନ୍ତି । କେତେ ଜଣ ମଣ୍ଡଳୀକୁ ଯିବା ସମୟରେ ସେମାନଙ୍କ ହାତରେ ପବିତ୍ର ବାଇବଲ ଧରିବାକୁ ଅସମ୍ମାନର ବିଷୟ ବୋଲି ଭାବନ୍ତି । ଆଜିର ଲୋକମାନେ ଏହି ବିଷୟରେ ଅଜ୍ଞ ଅଟନ୍ତି ଯେ ‘‘ଯେଉଁ ହସ୍ତ ପବିତ୍ର ବାଇବଲ ଧରେ ଓ ଯେଉଁ ଆଣ୍ଠୁ ପ୍ରାର୍ଥନାରେ ପ୍ରଭୁଙ୍କ ସମ୍ମୁଖରେ ନତ ହୁଏ, ତାହା ଜୀବନରେ ଆଦୌ ବିଫଳ ହୁଏ ନାହିଁ ।

ଥରେ, ମୁଁ ମୋର ପରିବାର ସହିତ ଗୋଟିଏ ହୋଟେଲକୁ ଯାଇଥିଲି । ଖାଇବା ଆରମ୍ଭ କରିବା ପୂର୍ବରୁ, ଉତ୍ତମ ଦିନ ଓ ଉତ୍ତମ ଖାଦ୍ୟ ଦେଇଥିବାରୁ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


**नहेम्याह बाइबल कॉलेज**
**रेसिडेन्शल कॉलेज, चेन्नई।**

ECHO OF HIS CALL 1969-2019 (ECHO GROUP)

**माध्यमः हिन्दी**

*सदस्यता के लिए पंजीकृत उम्मीदवार* - ATA

ATA Regd. Candidate for Membership NEHEMIAH BIBLE COLLEGE CHENNAI ECHO OF HIS CALL Estd. 1969

**सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षो से सेवारत वरिष्ठ पासवान**

**सर्टिफिकेट इन थियोलॉजी – 1 साल**
**डिप्लोमा ऑफ थियोलॉजी – 2 साल**

**योग्यता 10 वी या अधिक**
**जल्दी करें!**

**Contact : The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)
ପ୍ରଶଂସା ଓ ପ୍ରାର୍ଥନାର ବିଷୟ,
(୨୦୨୨ ଅଗଷ୍ଟ ୧୯ ରୁ ୨୦୨୨ ସେପ୍ଟେମ୍ବର ୧୮ ପର୍ଯ୍ୟନ୍ତ)
(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

| | |
|---|---|
| ଅଗଷ୍ଟ ୧୯ | ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ୧୦ମ ଶ୍ରେଣୀ ଛାତ୍ରମାନେ ସେମାନଙ୍କର ସରକାରୀ ବୋର୍ଡ ପରୀକ୍ଷାରେ ୧୦୦% ଉତ୍ତୀର୍ଣ୍ଣ ହୋଇଛନ୍ତି । |
| ଅଗଷ୍ଟ ୨୦ | ⇨ ଆହ୍ୱାନର ପ୍ରତିଧ୍ୱନିର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାର ନିମନ୍ତେ । |
| ଅଗଷ୍ଟ ୨୧ | ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକର ପାଳକ ଓ ବରିଷ୍ଠ ସଦସ୍ୟମାନଙ୍କ ପାଇଁ । |
| ଅଗଷ୍ଟ ୨୨ | ⇨ ଆମର ଛାପାକଳ ଓ ଏହାର ଦକ୍ଷ କର୍ମଚାରୀମାନଙ୍କ ସହିତ ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ । |
| ଅଗଷ୍ଟ ୨୩ | ⇨ ଆମ ଛାପାକଳରେ ୧୬ଟି ଭାଷାରେ ମୁଦ୍ରିତ ହୋଇ ବିଭିନ୍ନ ସ୍ଥାନକୁ ପ୍ରେରଣ କରାଯାଉଥିବା ଆମର ୧୬ଟି ଭାଷାରେ ପ୍ରକାଶିତ ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ନିମନ୍ତେ । |
| ଅଗଷ୍ଟ ୨୪ | ⇨ ଈଶ୍ୱର ମିଶନ କ୍ଷେତ୍ରଗୁଡ଼ିକରେ ଥିବା ଆମ ମିଶନେରୀ ଓ ସେମାନଙ୍କର ପରିବାରକୁ ସୁରକ୍ଷା ଦେଇଥିବାରୁ । |
| ଅଗଷ୍ଟ ୨୫ | ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ଆମର ରବିବାର ଉପାସନା ଓ ବାକ୍ୟର ପ୍ରଚାର ନିମନ୍ତେ । |
| ଅଗଷ୍ଟ ୨୬ | ⇨ ଆମ ମଣ୍ଡଳୀରେ ଯୋଗ ଦେଇଥିବା ନୂତନ ସଦସ୍ୟମାନଙ୍କ ନିମନ୍ତେ । |
| ଅଗଷ୍ଟ ୨୭ | ⇨ ଆମର ସାହାଯ୍ୟକାରୀମାନଙ୍କ ଉପରେ ଆଶୀର୍ବାଦ ନିମନ୍ତେ । |
| ଅଗଷ୍ଟ ୨୮ | ⇨ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାର ପ୍ରତି ଈଶ୍ୱରଙ୍କର ଯତ୍ନ ନିମନ୍ତେ । |
| ଅଗଷ୍ଟ ୨୯ | ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କର ସହଯୋଗ ନିମନ୍ତେ । |
| ଅଗଷ୍ଟ ୩୦ | ⇨ ଆମର ନିହିମିୟା ବାଇବଲ କଲେଜ ପାଇଁ ନୂତନ ଛାତ୍ରମାନଙ୍କୁ ଯୋଗାଇଥିବାରୁ । |
| ଅଗଷ୍ଟ ୩୧ | ⇨ ଗତ ମାସରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ । |
| ସେପ୍ଟେମ୍ବର ୧ | ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ କରେସପଣ୍ଡେସ ପାଠ୍ୟକ୍ରମ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ । |
| ସେପ୍ଟେମ୍ବର ୨ | ⇨ ମିଶନ କାର୍ଯ୍ୟକାରୀମାନଙ୍କର ଶ୍ରେଷ୍ଠ ସମର୍ପଣ ନିମନ୍ତେ । |
| ସେପ୍ଟେମ୍ବର ୩ | ⇨ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ନୂତନ ଛାତ୍ରମାନଙ୍କ ନିମନ୍ତେ । |

## ପ୍ରାର୍ଥନାର ବିଷୟ

| | |
|---|---|
| ସେପ୍ଟେମ୍ବର ୪ | ⇨ ଆମର ସେବକୀୟ କାର୍ଯ୍ୟ ଓ ସଂପ୍ରସାରଣ ନିମନ୍ତେ । |
| ସେପ୍ଟେମ୍ବର ୫ | ⇨ ସେବକୀୟ କାର୍ଯ୍ୟରେ ଆମର ସାଥୀ ଓ 'ଆହ୍ୱାନର ପ୍ରତିଧ୍ୱନି'ର ରାଜ୍ୟ ସଂଯୋଜକମାନଙ୍କ ନିମନ୍ତେ । |
| ସେପ୍ଟେମ୍ବର ୬ | ⇨ ଆମର ସେବାକାର୍ଯ୍ୟର ସଂପ୍ରସାରଣ ଓ ବିଶ୍ୱବ୍ୟାପୀ ସୁସମାଚାର ପ୍ରଚାର । |
| ସେପ୍ଟେମ୍ବର ୭ | ⇨ ଭାରତର ଦୁର୍ଗମ ଅଞ୍ଚଳରେ ପହଞ୍ଚିବା ପାଇଁ ଆମକୁ ସାମର୍ଥ୍ୟ ଦେବା ନିମନ୍ତେ । |
| ସେପ୍ଟେମ୍ବର ୮ | ⇨ ସମସ୍ତ ଜାତି ମଧ୍ୟରେ ଏକତା ଓ ଶାନ୍ତି ନିମନ୍ତେ । |
| ସେପ୍ଟେମ୍ବର ୯ | ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ଥିବା ସମସ୍ତ ସଦସ୍ୟଙ୍କର ମଙ୍ଗଳ ନିମନ୍ତେ । |
| ସେପ୍ଟେମ୍ବର ୧୦ | ⇨ ପୃଥିବୀର ସମସ୍ତ ମହିଳା ଓ ଶିଶୁଙ୍କର ସୁରକ୍ଷା ନିମନ୍ତେ । |
| ସେପ୍ଟେମ୍ବର ୧୧ | ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ସଦସ୍ୟ ଯେପରି ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ରକ୍ଷା ପାଇବେ । |
| ସେପ୍ଟେମ୍ବର ୧୨ | ⇨ ଆମର କର୍ମଚାରୀ ଓ ମୁଦ୍ରଣ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ ସମୟ ମଧ୍ୟରେ ସୁରକ୍ଷିତ ରଖିବା ନିମନ୍ତେ । |
| ସେପ୍ଟେମ୍ବର ୧୩ | ⇨ ଆମ ନିହିମିୟା ବାଇବଲ କଲେଜକୁ ଈଶ୍ୱର ଯେପରି ଅଧିକ ନୂତନ ଛାତ୍ର ଯୋଗାଇବେ । |
| ସେପ୍ଟେମ୍ବର ୧୪ | ⇨ ସମସ୍ତ ମଦ୍ୟପ ଓ କୁକର୍ମକାରୀମାନେ ଯେପରି ଅନୁତପ୍ତ ହେବେ । |
| ସେପ୍ଟେମ୍ବର ୧୫ | ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ୨୦୨୨-୨୦୨୩ ଶିକ୍ଷା ବର୍ଷରେ ଯେପରି ଅଧିକ ଛାତ୍ର ନାମ ଲେଖାଇବେ । |
| ସେପ୍ଟେମ୍ବର ୧୬ | ⇨ ଈଶ୍ୱର ଯେପରି ଏହି ମାସରେ ଆମର ଆବଶ୍ୟକତାଗୁଡ଼ିକୁ ପୂରଣ କରିବେ । |
| ସେପ୍ଟେମ୍ବର ୧୭ | ⇨ ଈଶ୍ୱର ଯେପରି ସମଗ୍ର ପୃଥିବୀର ସମସ୍ତ ଖ୍ରୀଷ୍ଟିଆନମାନଙ୍କୁ ଶାନ୍ତି ଓ ସୁଖ ପ୍ରଦାନ କରିବେ । |
| ସେପ୍ଟେମ୍ବର | ⇨ ଆମର ରାଜ୍ୟ ସଂଯୋଜକ ଓ ସେମାନଙ୍କର ପରିବାର ଗୁଡ଼ିକର ମଙ୍ଗଳ ନିମନ୍ତେ । |

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରଭୁଙ୍କୁ ପ୍ରଶଂସା କରି ଗୋଟିଏ ପ୍ରାର୍ଥନା କଲୁ । ଆମେ ପ୍ରାର୍ଥନା କରିସାରିବା ପରେ, ଆମ ପାଖ ଟେବୁଲ୍‌ରେ ବସିଥିବା କେତେ ଜଣ ଖ୍ରୀଷ୍ଟିଆନ ଆମକୁ ଚାହିଁ ବିଦ୍ରୁପରେ ହସୁଥିଲେ ବୋଲି ଆମେ ଦେଖି ପାରିଲୁ । ସେମାନଙ୍କ ଚାହାଁଣୀ ଓ କାର୍ଯ୍ୟରୁ ସେମାନେ ଏହା କହିବା ପରି ମନେ ହେଉଥିଲା, ''ଏହି ସ୍ୱଭାବର ଲୋକମାନେ ଏବେ ସୁଦ୍ଧା ଅଛନ୍ତି ।'' ଆସନ୍ତୁ, ଏହାକୁ ଏହିଠାରେ ଛାଡ଼ିବା ।

ସମସ୍ତ ସ୍ଥାନରେ ଓ ସମସ୍ତ ପରିବେଶରେ, ଆମେ ଈଶ୍ୱରଙ୍କ ସନ୍ତାନ ଭାବରେ ଏହିସବୁ ଉତ୍ତମ ଗୁଣଗୁଡ଼ିକର ବିକାଶ କରିବା ଶିକ୍ଷା କରିବା ଉଚିତ୍ । ଯେଉଁମାନେ ଆମକୁ ଦେଖନ୍ତି, ସେମାନେ ଏହା ଦେଖିବା ଆବଶ୍ୟକ ଯେ ଆମେ ପରିତ୍ରାଣପ୍ରାପ୍ତ ଅଟୁ । ଆମ ସଂସ୍କୃତି ଓ ଅଭ୍ୟାସ ଦେଖି କେହି ଜଣେ ଆମକୁ ପଚାରିବା ଉଚିତ୍, ''ଆପଣ ଜଣେ ଖ୍ରୀଷ୍ଟିଆନ କି ? ଆପଣ ଜଣେ ପରିତ୍ରାଣପ୍ରାପ୍ତ ବ୍ୟକ୍ତି ଅଟନ୍ତି କି ?'' ସେହି ପରିମାଣରେ ଆମର ଚେହେରା ଓ ପୋଷାକକୁ ରକ୍ଷା କରିବା ଉଚିତ୍ । ଆମର ମୁଖ ଆମର ହୃଦୟକୁ ପ୍ରତିଫଳିତ କରିବା ଉଚିତ୍ ।

ଥରେ ମୁଁ ଏକ ପ୍ରଚାର ଯାତ୍ରାରେ କାନାଡ଼ାକୁ ଯାଇଥିଲି । ଈଶ୍ୱରଙ୍କର ଜଣେ ପରିପକ୍ୱ ଲୋକ ତାଙ୍କ ମଣ୍ଡଳୀରେ ପ୍ରଚାର କରିବା ପାଇଁ ମୋତେ କହିଲେ । ସେ ଅତି ଦୟାଳୁ ଥିଲେ । ମୁଁ ତାଙ୍କଠାରେ ଈଶ୍ୱରଙ୍କର ପ୍ରତିମୂର୍ତ୍ତି ଦେଖିବା ପାଇଁ ସମର୍ଥ ଥିଲି । ସନ୍ଧ୍ୟାରେ, ସେ ମୋତେ ଗୋଟିଏ ସ୍ଥାନକୁ ନେଇଗଲେ ଓ ଈଶ୍ୱରଙ୍କର ଜଣେ ଲୋକ କିପରି ପୋଷାକ ପିନ୍ଧିବା ଓ ଅନ୍ୟାନ୍ୟ ଆଚରଣ ଦେଖାଇବା ଉଚିତ୍, ଏହି ବିଷୟରେ ମୋତେ ଶିକ୍ଷା ଦେଇଥିଲେ । ଯେଉଁ ପ୍ରଚାରକମାନେ ଲୋକମାନଙ୍କୁ କହନ୍ତି ଯେ ସେମାନେ ମଦ୍ୟପାନ କରିବା ଓ ଆମୋଦ ପ୍ରମୋଦରେ ଆସକ୍ତ ରହିବା ଉଚିତ ନୁହେଁ, ଏହାଠାରୁ ସେମାନେ ନିଜେ ପଳାୟନ କରିବା ଆଶା କରାଯାଏ । ମାତ୍ର କେତେ ଜଣ ବିମାନରେ ଯାଇ ବିଦେଶରେ ରହୁଥିବା ସମୟରେ, ନିଜ ନିଜ ପସନ୍ଦ ଅନୁସାରେ ଜୀବନ କାଟନ୍ତି । ଏହା ଅତି ଶୋଚନୀୟ ବିଷୟ ଅଟେ ।

ରାସ୍ତା ଉପରେ ଗାଡ଼ି ସବୁ ଯେତେ କ୍ଷିପ୍ର ଗତିରେ ଯାଉଥିଲେ ସୁଦ୍ଧା ଯେତେବେଳେ ଟ୍ରାଫିକ୍ ପୋଲିସ ''ଅଟକି ଯାଅ'' ବୋଲି ସଙ୍କେତ କରେ, ସେତେବେଳେ ସମସ୍ତ ଗାଡ଼ି ଅଟକି ଯାଆନ୍ତି । ଏଠାରେ ଆମେ ୟୁନିଫର୍ମରେ ଥିବା ଜଣେ ଟ୍ରାଫିକ୍ ପୋଲିସର ସଙ୍କେତ ଓ ୟୁନିଫର୍ମରେ ନ ଥିବା ଜଣେ ବ୍ୟକ୍ତିର ''ଅଟକି ଯାଅ'' ସଙ୍କେତ ମଧ୍ୟରେ ଗୋଟିଏ ବଡ଼ ପାର୍ଥକ୍ୟ ଦେଖିପାରିବା । ସେ ପରିଧାନ କରିଥିବା ତା'ର ୟୁନିଫର୍ମ ତା'ର ଅଧିକାରକୁ ସୁଦୃଢ଼ କରେ । ଆତ୍ମିକ ଜୀବନରେ, ଆମର ପରିତ୍ରାଣର ଅନୁଭୂତି ଆମକୁ ସମସ୍ତ ମନ୍ଦ ଶକ୍ତି ଉପରେ ଅଧିକାର ଓ ସୁରକ୍ଷା ପ୍ରଦାନ କରେ ।

ଗୀତସଂହିତା ୧୮:୩୫ରେ ଲେଖାଅଛି, **''ତୁମ୍ଭେ ମଧ୍ୟ ଆପଣା ପରିତ୍ରାଣର ଢ଼ାଲ ମୋତେ ଦେଇଅଛ, ଆଉ, ତୁମ୍ଭର ଦକ୍ଷିଣ ହସ୍ତ ମୋତେ ଧରି ରଖିଅଛି ଓ ତୁମ୍ଭର ନମ୍ରତା ମୋତେ ବୃଦ୍ଧିପ୍ରାପ୍ତ କରିଅଛି ।''** ଯଦି ଆମକୁ ଶାନ୍ତିରେ ବାସ କରିବାକୁ ଅଛି, ତେବେ ଆମକୁ ପ୍ରଭୁଙ୍କର ପରିତ୍ରାଣରୂପକ ଢ଼ାଲ ଧରିବାକୁ ପଡ଼ିବ । ଏହା ସମସ୍ତ ମନ୍ଦତା ଓ ବିପର୍ଯ୍ୟୟରୁ ଆମକୁ ସୁରକ୍ଷା ଦେବା ପାଇଁ ଏକ ଢ଼ାଲ ଭାବରେ କାର୍ଯ୍ୟ କରିବ । ସେଥିପାଇଁ, ସମସ୍ତ ପରିସ୍ଥିତିରେ, ପରିତ୍ରାଣ ଆମକୁ ଢାଲ ଭଳି ସୁରକ୍ଷା ଦିଏ ।

ଯେତେବେଳେ ଆମେ ଶୟତାନ ଓ ଜଗତର ଲୋକମାନଙ୍କ ବିରୋଧର ସମ୍ମୁଖୀନ ହେଉ, ସେତେବେଳେ ପରିତ୍ରାଣ ରୂପକ ବସ୍ତ୍ର (ଢାଲ) ଆମକୁ ସୁରକ୍ଷା ଦିଏ । ସେବାକାର୍ଯ୍ୟରେ ଥିବା ମୋର ଜଣେ ବନ୍ଧୁ ମୋତେ ଗୋଟିଏ ସତ୍ୟ କାହାଣୀ କହିଥିଲେ । ଜଣେ ବ୍ୟକ୍ତି ମନ୍ଦଆତ୍ମା କବଳରେ ରହି ଅନେକ କଷ୍ଟ ଭୋଗ କରୁଥିଲେ । ସେ କିଛି ଖାଇ ପାରୁ ନ ଥିଲେ ଓ ତାଙ୍କ ପାଖ ଦେଇ ଯାଉଥିବା ଲୋକମାନଙ୍କୁ ଆକ୍ରମଣ କରୁଥିଲେ । ତାଙ୍କ ପରିବାର ପ୍ରାର୍ଥନା ନିମନ୍ତେ ତାଙ୍କୁ ମୋର ବନ୍ଧୁଙ୍କ ନିକଟକୁ ଆଣିଲେ ।

ଯେତେବେଳେ ଈଶ୍ୱରଙ୍କ ଦାସ ପ୍ରାର୍ଥନା କରିବା ଆରମ୍ଭ କଲେ, ସେତେବେଳେ ସେହି ଅସୁସ୍ଥ ବ୍ୟକ୍ତିଙ୍କଠାରେ ଥିବା ମନ୍ଦଆତ୍ମା କହିଲା, ''ଏହି ବ୍ୟକ୍ତି ଜୀବିତ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କର ଉପାସନା କରୁଅଛଇ । ମାତ୍ର ସେ ଏଇ ନିକଟରେ ଏହି ଗ୍ରାମରେ ଆମ୍ଭମାନଙ୍କୁ ଦିଆଯାଉଥିବା ବଳିଦାନ ଉତ୍ସବରେ ଯୋଗ ଦେଇଥିଲା । ସେଥିପାଇଁ ମୁଁ ତା' ନିକଟକୁ ଆସି ତା' ସହିତ ରହିଛି । ମୁଁ ତା'ର ବେଶୀ କିଛି କ୍ଷତି କରିପାରୁ ନାହିଁ କାରଣ ତା'ର ପିତାମାତା ତାକୁ ''ଇମ୍ମାନୁୟେଲ୍'' ନାମ ଦେଇଛନ୍ତି । ସେ ଏହି ନାମ ଧାରଣ କରିଥିବାରୁ, ମୁଁ ତାକୁ ବିନଷ୍ଟ କରିପାରୁ ନାହିଁ । ଦେଖନ୍ତୁ, ଶୟତାନ କିପରି 'ଇମ୍ମାନୁୟେଲ' ନାମ ସମ୍ମୁଖରେ ସୁଦ୍ଧା ଶକ୍ତିହୀନ ଅଟେ ।

ସେଥିପାଇଁ, ଆମେ ଆମ ସନ୍ତାନମାନଙ୍କର ନାମ ଦେବା ବିଷୟରେ ସତର୍କ ରହିବା ଉଚିତ୍ । କେତେ ଜଣ ପିତାମାତା ବେଶୀ କିଛି ନ ଭାବି, ସେମାନଙ୍କ ସନ୍ତାନମାନଙ୍କୁ ଏପରି ନାମ ଦିଅନ୍ତି, ଯାହାକୁ ଉଚ୍ଚାରଣ କରିବା ମଧ୍ୟ କଷ୍ଟକର ଅଟେ । ପିଲାମାନଙ୍କୁ ବାଇବଲ ଉଲ୍ଲିଖିତ ନାମ ଦିଅନ୍ତି ଓ ଆନନ୍ଦ କରନ୍ତୁ । ଆପଣ ଆତ୍ମିକ ନେତା ଓ ମିଶନେରୀମାନଙ୍କ ନାମ ମଧ୍ୟ ଦେଇପାରନ୍ତି ଓ ସେମାନଙ୍କୁ ଏକ ବିଜୟୀ ଜୀବନ କାଟିବାରେ ସମର୍ଥ କରିପାରନ୍ତି । ଏହିପରି ବିଷୟଗୁଡ଼ିକ ସେମାନଙ୍କୁ ଦୀର୍ଘ ଜୀବନ ଓ ଉତ୍ତମ ଲକ୍ଷ୍ୟ ପ୍ରଦାନ କରିବ । **''ଦେଖ, ଆମ୍ଭେ ଚୋର ପରି ଆସୁଅଛୁ । ଯେ ଜାଗ୍ରତ ଥାଇ ଆପଣା ବସ୍ତ୍ର ରକ୍ଷା କରେ, ସେ ଧନ୍ୟ, କାରଣ ତାହା କଲେ ସେ ଉଲଙ୍ଗ ହୋଇ ବୁଲିବ ନାହିଁ ଓ ଲୋକେ ତାହାର ଲଜ୍ଜା ଦେଖିବେ ନାହିଁ''** (ପ୍ରକାଶିତ ୧୪:୧୫) ।


# ନିହିମିଆ ବାଇବଲ
## ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ECHO OF HIS CALL (ECHO GROUP)

Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL Estd. 1969

**ମାଧ୍ୟମ - ତାମିଲ**

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**
**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ**

**ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !**

ଯୋଗାଯୋଗ : **The Chairman, Nehemiah Bible College.**

10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ୩. ପୃଥକୀକୃତ ଜୀବନ ବିଜୟୀ ଜୀବନ ଅଟେ

**''ଅତଏବ, ପ୍ରିୟ ସନ୍ତାନମାନଙ୍କ ପରି ଈଶ୍ୱରଙ୍କ ଅନୁଗାମୀ ହୁଅ । ଖ୍ରୀଷ୍ଟ ଯେପରି ତୁମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସୁଗନ୍ଧି ନୈବେଦ୍ୟ ଓ ବଳି ସ୍ୱରୂପେ ଆପଣାକୁ ଉତ୍ସର୍ଗ କଲେ, ସେହିପରି ପ୍ରେମରେ ଆଚରଣ କର । କିନ୍ତୁ ବ୍ୟଭିଚାର, ସମସ୍ତ ପ୍ରକାର ଅଶୁଚିତା କିମ୍ବା ଲୋଭ, ଏହିସବୁ ନାମରେ ସୁଦ୍ଧା ତୁମ୍ଭମାନଙ୍କ ମଧ୍ୟରେ ସ୍ଥାନ ନ ପାଉ, ତାହା ସାଧୁମାନଙ୍କ ପକ୍ଷରେ ଅନୁଚିତ, ପୁଣି ଯାହା ଯାହା ଅନୁପଯୁକ୍ତ, ଏପରି କୁତ୍ସିତ ବ୍ୟବହାର ବା ଅସାର କଥା ବା ହାସ୍ୟ ପରିହାସ, ତୁମ୍ଭମାନଙ୍କ ମଧ୍ୟରେ ନ ହେଉ, ବରଂ ଧନ୍ୟବାଦ ଦିଆଯାଉ । କାରଣ ତୁମ୍ଭେମାନେ ନିଶ୍ଚୟରୂପେ ଜାଣ ଯେ, କୌଣସି ବ୍ୟଭିଚାରୀ ବା ଅଶୁଦ୍ଧାଚାରୀ ବ୍ୟକ୍ତି ବା ଲୋଭୀ ସେ ତ ଦେବପୂଜକ – ଏମାନଙ୍କର ଖ୍ରୀଷ୍ଟ ଓ ଈଶ୍ୱରଙ୍କର ରାଜ୍ୟରେ ଅଧିକାର ନାହିଁ''** (ଏଫିସୀୟ ୫:୧–୫) ।

କେତେକ ଲୋକ ଏହି ଜଗତରେ ଏହି ଭୁଲ୍ ଧାରଣା ସହିତ ବାସ କରନ୍ତି ଯେ ସେମାନେ ସେମାନଙ୍କ ଇଚ୍ଛାନୁସାରେ ଜୀବନ କାଟି ପାରିବେ ଓ କଥା କହିପାରିବେ । ମାତ୍ର ଈଶ୍ୱରଙ୍କ ଲୋକମାନେ ଏହି ଜଗତ ଅନୁରୂପୀ ହୁଅନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି ନାହିଁ । ଜଗତ କହିପାରେ, ଜଗତ ସହିତ କାନ୍ଧ ମିଳାଇ ଚାଲନ୍ତୁ । ମାତ୍ର ଆମେ ଏକ ପୃଥକୀକୃତ ଜୀବନ କାଟୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । କିନ୍ତୁ କେତେକ ଖ୍ରୀଷ୍ଟିଆନ ପୃଥକୀକୃତ ଜୀବନ କାଟିବା ଆଳରେ, ଅନ୍ୟ ଖ୍ରୀଷ୍ଟିଆନ ମାନଙ୍କ ସହିତ ମଧ୍ୟ ମିଶନ୍ତି ନାହିଁ ଓ ସେମାନେ ପୃଥକୀକୃତ ଅଟନ୍ତି ଓ ଅନ୍ୟମାନଙ୍କ ଅପେକ୍ଷା ଧର୍ମଶାସ୍ତ୍ରକୁ ଅଧିକ ଭଲ ଭାବରେ ଜାଣନ୍ତି ବୋଲି ଦାବୀ କରନ୍ତି । ଏହା ଭୁଲ୍ ଅଟେ, ଧର୍ମଶାସ୍ତ୍ରରେ ଯେଉଁ ପୃଥକୀକୃତ ଜୀବନ ବିଷୟରେ ଶିକ୍ଷା ଦିଆଯାଇଛି, ତାହା କିଛି ଭିନ୍ନ ଅଟେ । ଖ୍ରୀଷ୍ଟିଆନମାନେ ଏକତ୍ରିତ ହେବାରେ କିଛି ଭୁଲ୍ ନାହିଁ । ଆମକୁ ସଠିକ୍ ଅର୍ଥରେ ଏହାକୁ ବୁଝିବାକୁ ହେବ ଓ ପୃଥକୀକୃତ ଜୀବନ ପାଇବା ପାଇଁ ନିମ୍ନଲିଖିତ ବିଷୟ କରିବାକୁ ହେବ :

### (କ) ଈଶ୍ୱରଙ୍କୁ ଅନୁସରଣ କରନ୍ତୁ

ଆଜିକାଲି ଅନେକ ଖ୍ରୀଷ୍ଟିଆନ ରାଜନୀତିରେ ଭାଗ ନେଉଛନ୍ତି । ଯଦି ସେମାନେ ସେଠାରେ ମଧ୍ୟ ସତ୍ୟକୁ ଧରି ରଖିବେ, ତେବେ ଈଶ୍ୱରଙ୍କ ନାମ ଦୂଷିତ ହେବ ନାହିଁ । ମାତ୍ର ଏହା ସେମାନଙ୍କ ଜୀବନରେ ପ୍ରଥମ ପ୍ରେମ ହେବା ଉଚିତ୍ ନୁହେଁ । ମାତ୍ର କେତେକ ପାଳକ ମଧ୍ୟ ରାଜନୀତିରେ ପ୍ରବେଶ କରି ସେମାନଙ୍କ ସମୟ ଓ ପ୍ରତିଭାକୁ ନଷ୍ଟ କରୁଛନ୍ତି । ଯେଉଁ ସମୟ ଓ ଅର୍ଥ ସେମାନଙ୍କ ମଣ୍ଡଳୀ ଓ ପରିବାର ପାଇଁ ଖର୍ଚ୍ଚ ହେବା ଉଚିତ୍, ତାହା ରାଜନୀତିରେ ଖର୍ଚ୍ଚ ହେବା ଉଚିତ ନୁହେଁ । ଯେଉଁ ପାଳକମାନଙ୍କୁ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଛି, ସେମାନେ ରାଜନୀତିରେ ଜଡ଼ିତ ହେବା ଉଚିତ୍ ନୁହେଁ ।

### (ଖ) ଜାଗତିକ ବିଷୟରେ ଜଡ଼ିତ ହୁଅନ୍ତୁ ନାହିଁ ।

**''ଅତଏବ, ହେ ମୋହର ବତ୍ସ, ଖ୍ରୀଷ୍ଟ ଯୀଶୁଙ୍କ ପ୍ରଦତ୍ତ ଅନୁଗ୍ରହରେ ବଳବାନ୍ ହୁଅ । ... ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତ୍ତମ ଯୋଦ୍ଧା ପରି ମୋ' ସହିତ କ୍ଳେଶ ସହ୍ୟ କର । କୌଣସି ଲୋକ ସୈନ୍ୟ କାର୍ଯ୍ୟ କରି ସଂସାରର ଅନ୍ୟ କାର୍ଯ୍ୟରେ ନିଜକୁ ଆବଦ୍ଧ କରେ ନାହିଁ, ଯେପରି ସୈନ୍ୟପଦରେ ନିଯୋଗକର୍ତ୍ତାଙ୍କୁ ସନ୍ତୁଷ୍ଟ କରିପାରେ । ଆହୁରି ମଧ୍ୟ ଯଦି ଜଣେ ଲୋକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦିତା କରେ, ସେ ନିୟମାନୁସାରେ ତାହା ନ କଲେ ମୁକୁଟ ପ୍ରାପ୍ତ ହୁଏ ନାହିଁ''** (୨ ତୀମଥି ୨:୧, ୩–୫) । ଯେଉଁ ବ୍ୟକ୍ତି ସେବାକାର୍ଯ୍ୟ ପାଇଁ ଆହ୍ୱାନ ପାଇଛନ୍ତି, ସେ ନିଜ ପରିବାରକୁ ପ୍ରତିପାଳନ କରିବା ସହିତ ସଂପୃକ୍ତ ଥିବା କାର୍ଯ୍ୟ କରିପାରନ୍ତି । କିନ୍ତୁ ସେ ନିଜକୁ ରାଜନୀତି, ସାମାଜିକ ଓ ରାଜନୈତିକ ସଂଘ, ବ୍ୟବସାୟ, କ୍ଲବ, ଇତ୍ୟାଦିରେ ନିଜକୁ ଜଡ଼ିତ କରିବା ଉଚିତ୍ ନୁହେଁ । ଏଠାରେ ''ଜଡ଼ିତ'' ଶବ୍ଦଟି ଅତି ଗୁରୁତ୍ୱପୂର୍ଣ୍ଣ କାରଣ, **''କୌଣସି ଭୃତ୍ୟ ଦୁଇ ପ୍ରଭୁଙ୍କର ଦାସ ହୋଇପାରେ ନାହିଁ, କାରଣ ସେ ଜଣକୁ ଘୃଣା କରିବ ଓ ଅନ୍ୟ ଜଣକୁ ପ୍ରେମ କରିବ, ଅଥବା ଜଣକ ପ୍ରତି ଅନୁରକ୍ତ ହେବ ଓ ଅନ୍ୟ ଜଣକୁ ଅବଜ୍ଞା କରିବ । ତୁମ୍ଭେମାନେ ଈଶ୍ୱର ଓ ଧନ ଉଭୟର ଦାସ ହୋଇପାର ନାହିଁ''** (ଲୂକ ୧୬:୧୩) ।

### (ଗ) ପ୍ରେମରେ ଆଚରଣ କରନ୍ତୁ ।

**''ଖ୍ରୀଷ୍ଟ ଯେପରି ତୁମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସୁଗନ୍ଧି ନୈବେଦ୍ୟ ଓ ବଳିସ୍ୱରୂପେ ଆପଣାକୁ ଉତ୍ସର୍ଗ କଲେ ସେହିପରି ପ୍ରେମରେ ଆଚରଣ କର''** (ଏଫିସୀୟ ୫:୨) । ୧ କରିନ୍ଥୀୟ ୧୩ ସିଦ୍ଧ ପ୍ରେମ ବିଷୟରେ କହିଛି ।

*(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)*


## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର୍

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
**Echo of His Call, Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**



## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |




# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଈଶ୍ୱରଙ୍କ କାର୍ଯ୍ୟ ପାଇଁ ମୋ' ପ୍ରତି ଆହ୍ୱାନ My call for God's Work



*S. Sam Selva Raj (Age : 18)*

ପବିତ୍ର ଆତ୍ମାଙ୍କ ପ୍ରଭାବ ମୋର ୧୭-୧୮ ବର୍ଷର ବୟସରୁ ମୋର ଆଭ୍ୟନ୍ତରୀଣ ସତ୍ତା ଓ ଚିନ୍ତାକୁ ପରିବର୍ତ୍ତିତ କରିବା ଆରମ୍ଭ କରିଥିଲା । ଏହା ଟାଇପ, ସର୍ଟ ହ୍ୟାଣ୍ଡ ଓ ଇଂରାଜୀ ଶିକ୍ଷା କରିବା ଦ୍ୱାରା ମୋର ଦକ୍ଷତାକୁ ବୃଦ୍ଧି କରିବା ପାଇଁ ମୋତେ ଚାଳନା ଦେଇଥିଲା ଓ ଏହି ସବୁ ମୋର ବର୍ତ୍ତମାନର ସେବାକାର୍ଯ୍ୟ ପାଇଁ ଅତି ଦରକାରୀ ହୋଇଅଛି । ମୁଁ ରେଭ୍.ଏସ୍.ଦେବଦାସନ୍ (ହେରାଲ୍ଡ ଅଫ୍



*Sis. Sarah Navaroji*



*Pastor Sadhu Yesudas*

ହିଜ୍ କମିଙ୍ଗ), ପାଷ୍ଟର ସାଧୁ ଯେଶୁଦାସ (କିରୁବାସନମ୍ ମଣ୍ଡଳୀ), ପାଷ୍ଟର ଅବ୍ରାହାମ୍ (ଇଣ୍ଡିଆନ ପେଣ୍ଟିକଷ୍ଟାଲ ମଣ୍ଡଳୀ), ପାଷ୍ଟର ଏନ୍.ଜିଭାନନ୍ଦମ୍ (ମାଗିଝଚ୍ଛି ପତ୍ରିକା) ଓ ଭଉଣୀ ସାରା ନାଭାରୋଜି (ଚେନ୍ନାଇ) ଭଳି ଈଶ୍ୱରଙ୍କର ପ୍ରକୃତ ଦାସଦାସୀମାନଙ୍କୁ ବ୍ୟକ୍ତିଗତ ଭାବରେ ଜାଣିବାର ସୁଯୋଗ ପାଇଥିଲି । ମୁଁ ସେମାନଙ୍କୁ ଲକ୍ଷ୍ୟ କରିଥିଲି ଓ ଆତ୍ମିକ ସତ୍ୟତା, ପବିତ୍ର ଜୀବନଯାପନ ପ୍ରତି ଆକର୍ଷଣ, କଠିନ ପରିଶ୍ରମ ପାଇଁ ଦୃଢ଼ତା, ଧୈର୍ଯ୍ୟ, ପ୍ରେମ, ବଳିଦାନ, ନମ୍ରତା, ବଶ୍ୟତା, ବାଧ୍ୟତା, ଉପବାସ, ପ୍ରାର୍ଥନା ଓ ଈଶ୍ୱରଙ୍କ ସେବା ସେମାନଙ୍କଠାରୁ ଶିକ୍ଷା କରିଥିଲି ।

ମୁଁ ସେମାନଙ୍କର ଆତ୍ମିକ ପଦ ଚିହ୍ନ ଅନୁସରଣ କରୁଥିବା ସମୟରେ, ଏହା ଉପଲବ୍ଧି କରିଥିଲି ଯେ ଆମ ପାଇଁ ସ୍ୱର୍ଗରେ ଗଚ୍ଛିତ ହୋଇଥିବା ଉତ୍ତମତାକୁ ଏହି ଜଗତରେ ମଧ୍ୟ ଉପଭୋଗ କରି ହେବ ।

ସେହି ସମୟରେ ସ୍ୱର୍ଗତଃ ରେଭ୍.ଏସ୍.ଦେବଦାସନ୍ (ହେରାଲ୍ଡ ଅଫ୍ ହିଜ କମିଙ୍ଗ) ମୋତେ ଖଣ୍ଡେ ପତ୍ର ଲେଖି, ପ୍ରଭୁଙ୍କ ସେବାରେ ତାଙ୍କ ସହିତ ଯୋଗ ଦେବା ପାଇଁ ଆମନ୍ତ୍ରଣ କରିଥିଲେ । ଏଥିରେ ମୁଁ ଅତି ଆନନ୍ଦିତ ଥିଲି କାରଣ ଏହା ମୋ' ପାଇଁ ଗୋଟିଏ ଉତ୍ତମ ଭବିଷ୍ୟତ୍‌ର ସୁଯୋଗ ଦେବ । ମାତ୍ର ମୋର ପିତାମାତା ଏହି ବିଷୟରେ ନୀରବ ଥିଲେ । ସେଥିପାଇଁ, ମୁଁ ମୋର ସରଳ ସାକ୍ଷ୍ୟ ଦେବା, ପ୍ରାର୍ଥନା କରିବା ଓ ପତ୍ରିକା ବଣ୍ଟନ କରିବା କାର୍ଯ୍ୟରେ ଲାଗି ରହିଲି । ମୁଁ ପ୍ରଭୁଙ୍କ ନିକଟରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରିଥିଲି ଓ ଏହି ଆହ୍ୱାନ ଦିଗରେ କଢ଼ାଇ ନେବା ପାଇଁ ତାଙ୍କ ଚାଳନାକୁ ଅପେକ୍ଷା କରୁଥିଲି ।


ଯେତେବେଳେ କୌଣସି ମାର୍ଗ ଉନ୍ମୁକ୍ତ ହେଲା ନାହିଁ, ସେତେବେଳେ ମୁଁ ମୋର କେତେ ଜଣ ବନ୍ଧୁଙ୍କର ପ୍ରେମ ପାଇ ପାରିଥିଲି । ମୋ' ଆତ୍ମିକ ଜୀବନରେ ଗୋଟିଏ ବିଫଳତା ଦେଖାଗଲା । ଯଦିଓ ମୋ' ମନରେ ଈଶ୍ୱରଙ୍କ ପ୍ରତି ଭୟ ଓ ତାଙ୍କଠାରେ ବିଶ୍ୱାସ ରହିଥିଲା, ତଥାପି ମୁଁ କିଛି ସାଧନ କରିବା ପାଇଁ ଲକ୍ଷ୍ୟ ରଖିଥିଲି । ସେଥିପାଇଁ ମୁଁ ମୋର ଗୃହର ଗୋଟିଏ ଅଂଶକୁ ପୃଥକ୍ କଲି ଓ ମୋର ବନ୍ଧୁମାନଙ୍କର ରାଜନୈତିକ ଉଦ୍ଦେଶ୍ୟ ପାଇଁ ତାକୁ ବ୍ୟବହୃତ କରାଗଲା । ମୁଁ ମଧ୍ୟ ମୋର କେତେକ ବନ୍ଧୁ, ଯଥା ଜନ୍, ପେରୁମାଲ୍ ଆସାରୀ, ମଣିକନ୍ଦନ୍‌ଙ୍କ ସହିତ ଯୋଗ ଦେଲି । ଏପରିକି ମୁଁ ସୋମେରୀ ମାଡ୍ରାମ୍ (ଲେଜୀ କନ୍‌ଭେଣ୍ଟ) ନାମକ ଏକ ସଂସ୍ଥା ଆରମ୍ଭ କରିଥିଲି । ଏହିପରି ଭାବରେ ମୋର ଜୀବନ ପଥଚ୍ୟୁତ ହୋଇଥିଲା । କ'ଣ କରିବାକୁ ହେବ, ତାହା ମୋର ପିତାମାତା ଓ ଆତ୍ମିୟମାନେ ଜାଣି ନ ଥିଲେ । ମାତ୍ର ମୋର ମା' ଅତି ଉଦ୍‌ଯୋଗର ସହିତ ପ୍ରାର୍ଥନା କରିବା ଆରମ୍ଭ କରିଥିଲେ ।



*Pr. S. Sam Selva Raj & Rev. S. Devadasan*

ଏହିପରି ପରିସ୍ଥିତିରେ, ୬୨ ବର୍ଷ ବୟସ୍କ, ଶ୍ୱେତବସ୍ତ୍ର ପରିହିତ, ଗୋଟିଏ ହାତରେ ଛତା ଓ ଅନ୍ୟ ହାତରେ ବାଇବଲ ଧରିଥିବା ରେଭ.ଏସ୍.ଦେବଦାସନ୍ ଦିନେ ସକାଳେ ମୋ' ଗୃହକୁ ଆସିଲେ । ଏହି ସମୟରେ ଆମ ଗୃହକୁ ତାଙ୍କର ଆଗମନ ମୋ' ପାଇଁ ଅନପେକ୍ଷିତ ଥିଲା । ମୁଁ କେବଳ ଥରେ ତାଙ୍କୁ ତାଙ୍କର କାର୍ଯ୍ୟାଳୟରେ ଦେଖିଥିଲି । ତାଙ୍କୁ ଦେଖି, ଭୟଭୀତ ହୋଇ, ମୁଁ ମୋ' ମା'ଙ୍କର ପଛପଟେ ଲୁଚିଗଲି । ପାଳକ ମୋ' ପ୍ରତି ଓ ମୋର କୋଠରୀ ପ୍ରତି ସ୍ନେହରେ ଓ ଗମ୍ଭୀରଭାବରେ ଚାହିଁଲେ । ଶେଷରେ ମୋ' ପ୍ରତି ଓ ମୋ' ମା'ଙ୍କ ପ୍ରତି ଚାହିଁ, ସେ କହିଲେ, "ଈଶ୍ୱର ଏହି ଯୁବକଙ୍କୁ ତାଙ୍କ ସେବା ପାଇଁ ଆହ୍ୱାନ କରୁଛନ୍ତି । ଏହି ଯୁବକ ସାମ୍ ସେଲ୍‌ଭାରାଜ୍ ଆସନ୍ତା କାଲି ସକାଳ ୯ଟାରେ ମୋର କାର୍ଯ୍ୟାଳୟକୁ ଆସିବ ।" ଏହାପରେ ସେ ପ୍ରାର୍ଥନା କଲେ ଓ ବିଦାୟ ନେଲେ ।

ସେହି ସମୟଠାରୁ, ଆମ ଗୃହରେ ଖୁସି ଆସିଥିଲା । ଆମ ଗୃହ ଗୋଟିଏ ମଧୁର ସୁଗନ୍ଧିରେ ପୂର୍ଣ୍ଣ ହୋଇଥିଲା । ସେହିଦିନ, ମୁଁ ମୋର ସମସ୍ତ ବନ୍ଧୁଙ୍କୁ






ନିମନ୍ତ୍ରଣ କଲି ଓ ମୋର ମା' ସେମାନଙ୍କ ପାଇଁ ଗୋଟିଏ ଉତ୍ତମ ଭୋଜି ପ୍ରସ୍ତୁତ କଲେ । ମୁଁ ''ଲେଜୀ କନଭେଣ୍ଟ'' ଛାଡୁଛି ବୋଲି କହି ସେମାନଙ୍କଠାରୁ ବିଦାୟ ନେଲି । ସେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ଓ କିଛି ଉତ୍ତର ନ ଦେଇ ଚାଲିଗଲେ ।

ପରଦିନ ମୁଁ ରେଭ୍.ଏସ୍.ଦେବଦାସନଙ୍କୁ ତାଙ୍କ କହିବା ଅନୁସାରେ ସାକ୍ଷାତ୍ କଲି । ମୁଁ ତାଙ୍କର ଆତ୍ମିକ ପୁତ୍ର ଓ ତାଙ୍କର ଏକ ବିନମ୍ର ଦାସରେ ପରିଣତ ହେଲି । ମୁଁ ତାଙ୍କ ଜୀବନର ପ୍ରତ୍ୟେକଟି ଗତିବିଧି ଲକ୍ଷ୍ୟ କରୁଥିଲି ଓ ତାଙ୍କ କାର୍ଯ୍ୟରେ ସାହାଯ୍ୟ କରୁଥିଲି । ତାଙ୍କୁ ଅନୁସରଣ କରି, ମୁଁ ଦୀର୍ଘ ସମୟ ଧରି ଆଣ୍ଠୁଭାଙ୍ଗି ପ୍ରାର୍ଥନା କରିବା, ବଡ଼ ପାଟିରେ ବାଇବଲ ପଢ଼ିବା, ପ୍ରଭୁ ମୋତେ ଯାହା କହୁଥିଲେ, ତାହାକୁ ଅନୁଧ୍ୟାନ କରି ଲେଖି ରଖିବା ଆରମ୍ଭ କରିଥିଲି ।



ପ୍ରଭୁ ମୋତେ ଭବିଷ୍ୟତ୍‌ରେ କିପରି ବ୍ୟବହାର କରିବେ, ତାହାକୁ ପୂର୍ବାନୁମାନ କରି ରେଭ୍.ଏସ୍.ଦେବଦାସନ୍ ମୋତେ କଠୋର ଭାବରେ ଈଶ୍ୱରଙ୍କ ଧାର୍ମିକତାରେ, ପବିତ୍ରତାରେ ଓ ହଜା ଆତ୍ମାମାନଙ୍କ ପାଇଁ ବୋଝଗ୍ରସ୍ତ ହେବାରେ ତାଲିମ ଦେଉଥିଲେ । ସେ ମୋତେ ବିଶ୍ୱସ୍ତତା, ପ୍ରାର୍ଥନାପୂର୍ଣ୍ଣ ଜୀବନ ଓ ବାକ୍ୟର ଅନୁଧ୍ୟାନ ବିଷୟରେ ଶିକ୍ଷା ଦେଇଥିଲେ । କିପରି ବିଶ୍ୱସ୍ତ ଭାବରେ ଈଶ୍ୱରଙ୍କର ସେବା କରିବାକୁ ହେବ, ପବିତ୍ର ଜୀବନ କ'ଣ, ଅର୍ଥ ନ ଥିଲେ ସୁଦ୍ଧା, କିପରି ଈଶ୍ୱରଙ୍କ ସେବା କାର୍ଯ୍ୟ ପାଇଁ ପରିଶ୍ରମ କରିବାକୁ ହେବ ଓ ଈଶ୍ୱରଙ୍କ ବାକ୍ୟାନୁସାରେ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ କିପରି ଅର୍ଥ ସଂଗ୍ରହ କରିବାକୁ ହେବ, ଏହି ସମସ୍ତ ବିଷୟ ମଧ୍ୟ ସେ ଶିକ୍ଷା ଦେଇଥିଲେ । ସେ ସେଗୁଡ଼ିକ ଅଭ୍ୟାସ କରିବା ପାଇଁ ମୋତେ ତାଲିମ ମଧ୍ୟ ଦେଇଥିଲେ ।

*************

*(୭ମ ପୃଷ୍ଠାର ଅବଶିଷ୍ଟାଂଶ)*

**''ପ୍ରେମ ଦୀର୍ଘସହିଷ୍ଣୁ, ପ୍ରେମ ହିତଜନକ, ଈର୍ଷା କରେ ନାହିଁ, ଆତ୍ମ ବଡ଼ିମା କରେ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ, ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ କରେ, ସମସ୍ତ ବିଷୟ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ, ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରହେ''** (୪-୭) ।

## (ଘ) ଧାର୍ମିକମାନେ ନିମ୍ନଲିଖିତ ବିଷୟରେ ସଂପୃକ୍ତ ହେବା ଉଚିତ୍ ନୁହେଁ –

କାମୁକତା, ଅଶୁଚିତା, ଅର୍ଥ ଲାଳସା ଇତ୍ୟାଦି । ଏଗୁଡ଼ିକର ନାମ ସୁଦ୍ଧା ସେମାନଙ୍କ ସହିତ ସଂପୃକ୍ତ ହେବା ଉଚିତ୍ ନୁହେଁ । ସମାନ ଭାବରେ, ଅସାର କଥାବାର୍ତ୍ତା, ଅହିତକର ଆଳାପ, ଥଟ୍ଟାମଜା, ଇତ୍ୟାଦିକୁ ଏଡ଼ାଇ ଦିଆଯିବା ଉଚିତ । ପ୍ରଭୁଙ୍କର ପ୍ରଶଂସା ସଠିକ୍ ବିଷୟ ଅଟେ । **''...ବ୍ୟଭିଚାର, ସମସ୍ତ ପ୍ରକାର ଅଶୁଚିତା କିମ୍ୱା ଲୋଭ, ଏହିସବୁ ନାମରେ ସୁଦ୍ଧା ତୁମ୍ଭମାନଙ୍କ ମଧ୍ୟରେ ସ୍ଥାନ ନ ପାଉ, ତାହା ସାଧୁମାନଙ୍କ ପକ୍ଷରେ ଅନୁଚିତ, ପୁଣି ଯାହା ଯାହା ଅନୁପଯୁକ୍ତ, ଏପରି କୁତ୍ସିତ ବ୍ୟବହାର ବା ଅସାର କଥା ବା ହାସ୍ୟ ପରିହାସ ତୁମ୍ଭମାନଙ୍କ ମଧ୍ୟରେ ନ ହେଉ, ବରଂ ଧନ୍ୟବାଦ ଦିଆଯାଉ''** (ଏଫିସୀୟ ୫:୩,୪) ।

## (ଙ) ଯେଉଁ ଲୋକମାନଙ୍କର ଯୀଶୁଙ୍କଠାରେ ଅଂଶାଧିକାର ନାହିଁ ।

ଯେଉଁମାନେ ବ୍ୟଭିଚାର, ଅଶୁଚିତା ଓ ଅର୍ଥଲାଳସା ପ୍ରତି ଆସକ୍ତ, ସେମାନେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବେ ନାହିଁ । **''ପୁଣି ଯାହା ଯାହା ଅନୁପଯୁକ୍ତ, ଏପରି କୁତ୍ସିତ ବ୍ୟବହାର ବା ଅସାର କଥା ବା ହାସ୍ୟ ପରିହାସ ତୁମ୍ଭମାନଙ୍କ ମଧ୍ୟରେ ନ ହେଉ, ବରଂ ଧନ୍ୟବାଦ ଦିଆଯାଉ । କାରଣ ତୁମ୍ଭେମାନେ ନିଶ୍ଚିୟ ରୂପେ ଜାଣ ଯେ, କୌଣସି ବ୍ୟଭିଚାରୀ ବା ଅଶୁଦ୍ଧାଚାରୀ ବ୍ୟକ୍ତି ବା ଲୋଭୀ – ସେ ତ ଦେବପୂଜକ – ଏମାନଙ୍କ ଖ୍ରୀଷ୍ଟ ଓ ଈଶ୍ୱରଙ୍କ ରାଜ୍ୟରେ ଅଧିକାର ନାହିଁ''** (ଏଫିସୀୟ ୫:୪,୫) । ଆଧ୍ୟାତ୍ମିକ କବି ଥିରୁଭାଲୁଭାର କହିଥିଲେ, ''ଦାଢ଼ୀ କିମ୍ୱା ଦୀର୍ଘ କେଶ ନୁହେଁ, ମାତ୍ର ଜଗତ ଯାହାକୁ ଘୃଣା କରେ, ତାହାକୁ ଦୂର କର ।'' ଦାଢ଼ୀ ରଖି ନ ଥିବା କିମ୍ୱା ଦାଢ଼ୀ ରଖିଥିବା ବ୍ୟକ୍ତିକୁ ଭୁଲ୍ ବୋଲି ଭାବନ୍ତୁ ନାହିଁ । ଯାହା ନିଷିଦ୍ଧ କରାଯାଇଛି, ଏପରି ବିଷୟ ଗୁଡ଼ିକରେ ଆସକ୍ତ ନ ହେବା ଉତ୍ତମ ଅଟେ । **''ଏହି ଜାତି ମୁଖରେ ଆମ୍ଭକୁ ସମାଦର କରନ୍ତି, କିନ୍ତୁ ସେମାନଙ୍କ ହୃଦୟ ଆମ୍ଭଠାରୁ ଦୂରରେ ଥାଏ । ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକୁ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି''** (ମାଥିଉ ୧୫:୮,୯) ।

## (ଚ) ଜୀବନ୍ତ ବଳି

ପ୍ରେରିତ ପାଉଲ ଆମର ଶରୀରକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଜୀବନ୍ତ, ପବିତ୍ର ଓ ଗ୍ରାହ୍ୟ ବଳି ଭାବରେ ଉତ୍ସର୍ଗ କରିବାକୁ ଉତ୍ସାହିତ କରିଛନ୍ତି ଓ ଏହା ଏକ ଯୁକ୍ତିଯୁକ୍ତ ଉପାସନା ବୋଲି କହିଛନ୍ତି । **''ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ''** (ରୋମୀୟ ୧୨:୨) । **ସେଥିପାଇଁ ଆମେ ଅନୁରୂପୀ ନ ହୋଇ ପରିବର୍ତ୍ତିତ ହେବା ଉଚିତ୍ ।**

ଏହି ଅନୁଭୂତି କଷ୍ଟକର ମନେ ହୋଇପାରେ, ମାତ୍ର ଯେଉଁମାନେ ଏହି ଅନୁଭୂତି ପାଆନ୍ତି, ସେମାନେ ଈଶ୍ୱରଙ୍କର କ୍ଷୀଣ ସ୍ୱର ଶୁଣିପାରନ୍ତି । ଈଶ୍ୱରଙ୍କ ଆବାସ ମନୁଷ୍ୟମାନଙ୍କ ମଧ୍ୟରେ ଅଛି । ସେ ମନୁଷ୍ୟମାନଙ୍କ ମଧ୍ୟରେ ବାସ କରନ୍ତି । **''...ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି, ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କର ଲୋକ ହେବେ''** (ପ୍ରକାଶିତ ୨୧:୩) । ଈଶ୍ୱର ଏହି ଜଗତରେ ମଧ୍ୟ ଆମକୁ ସେହି ଅନୁଭୂତି ଦିଅନ୍ତୁ । ଆମେନ୍ ।

*************

## ମନୋନୀତ

ଖ୍ରୀଷ୍ଟଧର୍ମ ୨୦୦୦ ବର୍ଷ ଧରି ଭାରତରେ ରହିଅଛି । ଏହା ୟୁରୋପୀୟମାନଙ୍କ ଦ୍ୱାରା ଆସି ନ ଥିଲା । ଏହା ପ୍ରଥମ ଶତାବ୍ଦୀରେ ସାଧୁ ଥୋମାଙ୍କ ଦ୍ୱାରା ଆସିଥିଲା । ଖ୍ରୀଷ୍ଟଧର୍ମ ଶ୍ୱେତାଙ୍ଗମାନଙ୍କର ଧର୍ମ ନୁହେଁ ।

''ମନେରଖନ୍ତୁ, ଯେତେବେଳେ ୟୁରୋପର ଅନେକ ଦେଶ ଖ୍ରୀଷ୍ଟିୟାନ ହୋଇ ନ ଥିଲା, ସେତେବେଳେ ସାଧୁ ଥୋମା ଭାରତକୁ ଆସିଥିଲେ ଓ ସେଥିପାଇଁ ଯେଉଁ ଭାରତୀୟମାନେ ତାଙ୍କ ଯୋଗୁ ଖ୍ରୀଷ୍ଟିଆନ ହୋଇଥିଲେ, ସେମାନଙ୍କ ନିକଟରେ ଅନେକ ୟୁରୋପୀୟ ଖ୍ରୀଷ୍ଟିଆନଙ୍କ ଅପେକ୍ଷା ଏକ ଦୀର୍ଘତର ଇତିହାସ ଓ ଏକ ଉଚ୍ଚତର ବଂଶାବଳି ରହିଛି । ପୁଣି ଏହିପରି ଘଟିବା ଆମ ପାଇଁ ବାସ୍ତବରେ ଏକ ଗର୍ବର ବିଷୟ ଅଟେ ।''

**ଡ. ରାଜେନ୍ଦ୍ର ପ୍ରସାଦ, ଭାରତର ପ୍ରଥମ ରାଷ୍ଟ୍ରପତି, ୧୯୫୫, ଡିସେମ୍ବର ୧୮**

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23


## WANTED

1. An efficient Post Graduate with experience for the post of **PRINCIPAL** for our Matriculation School.
2. An efficient and well experienced **ASSISTANT** for our Office with knowledge of Typing and Computer.

Contact : ECHO OF HIS CALL
Cell : 98412 71858
E.mail : sam@echoofhiscall.org


## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |

SWIFT CODE : **SBI NIN BB 455**

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

**୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।**

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :


## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com


**YOU CAN SEND YOUR DONATION ONLINE ALSO**


**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th AUGUST 2022.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**


*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**